RNI No.ODIODI/2010/33031
୧୬ ବର୍ଷ | Volume-16
ISSUE -249 | ସଂଖ୍ୟା-୨୪୯
ଭୁବନେଶ୍ୱର, ଗୁରୁବାର ୧୮ ଡିସେମ୍ବର ୨୦୨୫
Bhubaneswar, Thursday 18 December, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ବିକାଶ ପାଇଁ ବଡ଼ ଘୋଷଣା

ଭୁବନେଶ୍ୱର,୧୭।୧୨(ନି.ପ୍ର.): ଗଞ୍ଜାମ ଓ ବ୍ରହ୍ମପୁର ସହର ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର। ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ଅତି ଜରୁରୀ। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ ଏବଂ ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ଇଜ୍ ଅଫ୍ ଲିଭିଂ ଓ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ବ୍ରହ୍ମପୁର ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବ ଅବସରରେ ଯୋଗ ଦେଇ ସେ ଏହି ଘୋଷଣା କରିଛନ୍ତି।

ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ପରି ବ୍ରହ୍ମପୁର ସହରର କଳେବର ବୃଦ୍ଧି କରାଯାଇ ଏହାକୁ ଗ୍ରେଟର ବ୍ରହ୍ମପୁର ସିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ଏଥିପାଇଁ ଆବଶ୍ୟକ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବାପାଇଁ ସହରରେ ଟାଉନ ପ୍ଲାନିଂ ଲାଗୁ କରାଯିବ। ବର୍ତ୍ତମାନ ଦୁଇଟି TP Scheme ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହିତ ଜମି ମାଲିକମାନେ ମଧ୍ୟ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବ୍ରହ୍ମପୁର ସହରର ଖାଦ୍ୟର ପ୍ରସିଦ୍ଧିକୁ ଦେଖି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍‌ନିର୍ମାଣ କରାଯିବ। ଏହି ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡ଼ିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲାର ଭୂମିକା ସବୁଠାରୁ ମହତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।





ସେହିପରି ବ୍ରହ୍ମପୁର-ଜୟପୁରକୁ ସଂଯୋଗର କରି ଏକ ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ, ଯେଉଁଥିପାଇଁ ୬୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଶିକ୍ଷକତା ଦିନ ଗୁଡ଼ିକୁ ମନେପକାଇଥିଲେ ଏବଂ ଯେକୌଣସି ସରସ୍ୱତୀ ବିଦ୍ୟା ମନ୍ଦିରକୁ ଆସିଲେ ମୋତେ ତାହା ମୋର ଘର ବାହୁଡ଼ା ପରି ଲାଗିଥାଏ ବୋଲି କହିଥିଲେ।

ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ମାନର ଶିକ୍ଷାପ୍ରଦାନ ପାଇଁ ଏହି ବିଦ୍ୟାଳୟର ରାଜ୍ୟରେ ସୁନାମ ରହିଛି । ସରସ୍ୱତୀ ବିଦ୍ୟାମନ୍ଦିର ସମୂହ କେବଳ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀ ବନେଇ ନ ଥାଏ । ବିଦ୍ୟାର୍ଥୀଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଶିକ୍ଷାଦାନ କରି ଉତ୍ତମ ନାଗରିକ ମଧ୍ୟ ଗଠନ କରିଥାଏ । ଏହି ବିଦ୍ୟାଳୟ ଯଥାର୍ଥରେ ଏହାକୁ ପ୍ରତିପାଦନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡିଶାରେ ଆମେ ନୂତନ ଶିକ୍ଷାନୀତି ୨୦୨୦ କୁ ଲାଗୁ କରିଛୁ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ସ୍ୱାବଲମ୍ବୀ ଭାବ ବୃଦ୍ଧି ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆଧାରରେ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଆମେ ଆରମ୍ଭ କରିବାକୁ ଯାଉଛୁ ।ପ୍ରାଥମିକ ସ୍ତରରେ ପିଲାଙ୍କୁ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛୁ । ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ । ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ପାଇଁ ଅନୁମୋଦନ ଦିଆଯାଇଛି । ଉଇଙ୍ଗରେ ଏବଂ ଓଉଙ୍ଗର ଢାଞ୍ଚାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ । ଏହାଦ୍ୱାରା ଶିକ୍ଷାର ଗୁଣାତ୍ମକମାନ ଆହୁରି ବୃଦ୍ଧି ହେବ। ସେ ଆହୁରି କହିଥିଲେ ଯେ ଦକ୍ଷ ଶିକ୍ଷକ ନିଯୁକ୍ତି ଓ ଶିକ୍ଷାଦାନ ଉପରେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି ପାଇଁ ଆମେ ଗୁରୁତ୍ୱ ଦେଉଛୁ । ରାଜ୍ୟରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ୩ ବର୍ଷ ମଧ୍ୟରେ ଆମେ ୪୫ ହଜାର ଶିକ୍ଷକ ପଦବୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେଇଛୁ । ଆସନ୍ତା ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରିବା ପାଇଁ ଆମେ ସ୍ଥିର କରିଛୁ । ରାଜ୍ୟରେ ଶିକ୍ଷାକ୍ଷେତ୍ରର ବିକାଶ କରିବା ପାଇଁ ଆମ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି । କେବଳ ପ୍ରାଥମିକ ଶିକ୍ଷା ପାଇଁ ଚଳିତ ବର୍ଷ ବଜେଟରେ ରେକର୍ଡ ପରିମାଣର ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଜରିଆରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ଆମ ସରକାରରେ ଆର୍ଥିକ କଟକଣା କେବେ ପ୍ରତିବନ୍ଧକ ହେବ ନାହିଁ।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକ, ସମାଜସେବୀ ଶିବରାମ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଆସିକା ବିଧାୟକ ସରୋଜ ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ଓ ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ, ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତୀ ଭାସନ୍ ଭି., ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡକ୍ଟର ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ଶ୍ରୀ ନାରାୟଣ ପଣ୍ଡା ଏବଂ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଡକ୍ଟର ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ୫୨ କେନ୍ଦ୍ରରେ ଆରମ୍ଭ ହେଲା ଓଟିଇଟି ପରୀକ୍ଷା

ଭୁବନେଶ୍ୱର,୧୭।୧୨(ନି.ପ୍ର.): ରାଜ୍ୟବ୍ୟାପୀ ଆଜି ଓଡିଶା ଟିଚ୍‌ର ଇଲିଜିବିଟି ଟେଷ୍ଟ-୨୦୨୫ ଆରମ୍ଭ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଏହି ପରୀକ୍ଷାରେ ରାଜ୍ୟର ୧ ଲକ୍ଷ ୬୦ ହଜାର ୩୭୯ ଜଣ ପରୀକ୍ଷାର୍ଥୀ ସାମିଲ ହୋଇଥିବା ସୂଚନା ମିଳିଛି। ପରୀକ୍ଷାରେ ଉଭୟ ଇନସର୍ଭିସ ଓ ଆଶାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଆଜି ପ୍ରଥମ ସିଟିଂ ୯ଟାରୁ ସାଢେ଼ ୧୧ଟା ଯାଏ ଚାଲିବ। ଏଣେ ଦ୍ୱିତୀୟ ସିଟିଂର ସମୟ ରହିଛି ଅପରାହ୍ଣ ୨ଟାରୁ ସାଢେ ୪ଟା ବୋଲି ଜଣାଯାଇଛି।



ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୨୨,୯୭୯ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟ ଏହି ପରୀକ୍ଷାରେ ସାମିଲ ହୋଇଛନ୍ତି। ଓଟିଇଟି ପେପର-୧ରେ ୪୭, ୭୨୦ ଜଣ ଓ ପେପର-୨ରେ ୧,୧୨,୬୫୯ ପରୀକ୍ଷାର୍ଥୀ ଅଛନ୍ତି। ମୋଟ ୪୫୨ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯାଉଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି।

ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ବୋର୍ଡ କାର୍ଯ୍ୟାଳୟ କମାଣ୍ଡ କଣ୍ଟ୍ରୋଲ ରୁମରୁ ସମସ୍ତ ପରୀକ୍ଷା କେନ୍ଦ୍ର ନିୟନ୍ତ୍ରଣ ବ୍ୟବସ୍ଥା ହୋଇଛି। ଗତ ୧୪ ତାରିଖ ଠାରୁ ଡିଜି ଲକରରେ ପ୍ରଶ୍ନପତ୍ର ଓ ଓଏମଆର ସିଟ ପଠାଯାଉଛି। ୩୦ଟି ଜିଲ୍ଲା ପାଇଁ ୪୦ଟି ରୁଟରେ ଆର୍ମଡପୁଲିସ ସହିତ ପ୍ରଶ୍ନପତ୍ର ପଠାଯାଉଛି।

## ୩୦ରୁ ଅଧିକ ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇଲେ ଟ୍ରମ୍ପ

ୱାସିଂଟନ,୧୭।୧୨(ନି.ପ୍ର.):: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୩୦ରୁ ଅଧିକ ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ବୃଦ୍ଧି କରିଛନ୍ତି। ଥାଙ୍କସଗିଭିଂ ସପ୍ତାହାନ୍ତରେ ଦୁଇ ନ୍ୟାସନାଲ ଗାର୍ଡ ସୈନିକଙ୍କ ଗୁଳିମାଡ଼ ଘଟଣାରେ ଜଣେ ଆଫଗାନ ନାଗରିକ ସନ୍ଦିଗ୍ଧଙ୍କୁ ଗିରଫ କରାଯିବା ପରେ ଚାଲିଥିବା ପ୍ରବାସୀ କାର୍ଯ୍ୟାନୁଷ୍ଠାନର ଅଂଶ ଭାବରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ୩୦ରୁ ଅଧିକ ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ବୃଦ୍ଧି କରିଛି। ଜୁନ୍ ମାସରେ, ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ ୧୨ଟି ଦେଶର ନାଗରିକଙ୍କୁ ଆମେରିକାରେ ପ୍ରବେଶ କରିବାରୁ ନିଷେଧ କରାଯିବ ଏବଂ ଅନ୍ୟ ସାତଟି ଦେଶର ଲୋକଙ୍କୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ।ବିସ୍ତାରିତ ଯାତ୍ରା ପ୍ରତିବନ୍ଧକ ଘୋଷଣା କରି ଟ୍ରମ୍ପ ପ୍ରଶାସନ କହିଛି ଯେ ଯାତ୍ରା ପ୍ରତିବନ୍ଧକ ଲଗାଯାଇଥିବା ଅନେକ ଦେଶ ବ୍ୟାପକ ଦୁର୍ନୀତି, ଜାଲିଆତି କିମ୍ବା ଅବିଶ୍ୱସନୀୟ ନାଗରିକତା ଡକ୍ୟୁମେଣ୍ଟ ଏବଂ ଅପରାଧିକ ରେକର୍ଡ ରଖିଛନ୍ତି, ଯାହା ଫଳରେ ଆମେରିକା ଯାତ୍ରା ପାଇଁ ସେମାନଙ୍କ ନାଗରିକଙ୍କୁ ଯାଞ୍ଚ କରିବା କଷ୍ଟକର ହୋଇପଡୁଛି।

# କେବଳ ବିଏସ୍୪ ଇଞ୍ଜିନ ଗାଡି ଓ ନୂଆ ଯାନବାହନକୁ ଚଳାଚଳ ଅନୁମତି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୧୨: ଦିଲ୍ଲୀରେ କଲବଲ କଲାଣି ବାୟୁ ପ୍ରଦୂଷଣ। ବାୟୁ ଗୁଣବତ୍ତା ବିପଦ ସଙ୍କେତ ପାର୍ କରିବା ପରେ ଜୀବନ ନେଉଛି ଘନ କୁହୁଡି। ପ୍ରଦୂଷଣ ପାଇଁ ଦିଲ୍ଲୀରେ ଏବେ ରହିବା କଷ୍ଟକର ହୋଇପଡିଲାଣି। ବିଭିନ୍ନ ରୋଗର କାରଣ ପାଲଟିଛି ବାୟୁ ପ୍ରଦୂଷଣ। ଏହାକୁ ଆଖି ଆଗରେ ରଖି ସୁପ୍ରିମକୋର୍ଟ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନକୁ ନେଇ ପୂର୍ବରୁ ଦେଇଥିବା ଆଦେଶରେ ସଂଶୋଧନ କରିଛନ୍ତି। ତାଙ୍କର ନୂତନ ଆଦେଶରେ, ସୁପ୍ରିମକୋର୍ଟ କହିଛନ୍ତି ଯେ, ଦିଲ୍ଲୀ-ଏନସିଆରରେ କେବଳ ବିଏସ୍୪ ଏବଂ ନୂତନ ଯାନଗୁଡ଼ିକୁ ଛାଡ଼ ଦିଆଯିବ। ସଂଶୋଧିତ ଆଦେଶରେ ବିଏସ୍-୩ ଯାନଗୁଡ଼ିକୁ ଛାଡ଼ରୁ ବାଦ ଦିଆଯାଇଛି।

ସୁପ୍ରିମକୋର୍ଟ ଉଇଛଗ (ବାୟୁ ଗୁଣବତ୍ତା ପରିଚାଳନା କମିଶନ)ର ଏକ ଅନୁରୋଧ ଆଧାରରେ ତାଙ୍କ ଆଦେଶରେ ସଂଶୋଧନ କରିଛନ୍ତି। ପୂର୍ବରୁ ଦିଲ୍ଲୀ ସରକାରଙ୍କ ଏକ ଆବେଦନ ଉପରେ ଶୁଣାଣି କରି, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ।ଏହି ବର୍ଷ ଅଗଷ୍ଟ ମାସରେ, ସୁପ୍ରିମକୋର୍ଟ ଦିଲ୍ଲୀ-ଏନସିଆରରେ ୧୫ବର୍ଷ ପୁରୁଣା ଯାନବାହାନ ମାଲିକମାନଙ୍କୁ ବଡ ଆଶ୍ୱସ୍ତି ପ୍ରଦାନ କରିଥିଲେ। ୧୦ବର୍ଷ ପୁରୁଣା ଡିଜେଲ ଏବଂ ୧୫ବର୍ଷ ପୁରୁଣା ପେଟ୍ରୋଲ ଯାନବାହାନକୁ ନେଇ ଏକ ବଡ ରାୟ ଦେଇ ସୁପ୍ରିମକୋର୍ଟ କହିଥିଲେ ଯେ, ବର୍ତ୍ତମାନ ପାଇଁ ଏପରି ଯାନବାହାନ ମାଲିକଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ସିଜେଆଇ (ମୁଖ୍ୟ ବିଚାରପତି) ବିଆର ଗବଇ, ଜଷ୍ଟିସ ବିନୋଦ କେ ଚନ୍ଦ୍ରନ ଏବଂ ଜଷ୍ଟିସ ଏନବି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିଥିଲେ। ସୁପ୍ରିମକୋର୍ଟ ଚାରି ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ମଧ୍ୟ ମାଗିଥିଲେ।

## ସୁଦାନରୁ ଫେରିଲେ ଆଦର୍ଶ

ଭୁବନେଶ୍ୱର,୧୭।୧୨: ସୁଦାନରୁ ସୁରକ୍ଷିତ ଭାବେ ଫେରିବା ପରେ ନିଜ ଉପରେ ହୋଇଥିବା ଯନ୍ତ୍ରଣା ବଖାଣିଛନ୍ତି ଆଦର୍ଶ ବେହେରା। ସେ ସୁରକ୍ଷିତ ଫେରିଥିବାରୁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଆଦର୍ଶଙ୍କ କହିବାନୁଯାୟୀ, ସୁରକ୍ଷିତ ସ୍ଥାନକୁ ଯିବା ବେଳେ ତାଙ୍କୁ ଜଙ୍ଗର (ରାପିଡ ସପୋର୍ଟ ଫୋର୍ସ)ର ୧୫ରୁ ୨୦ ଜଣ ସଦସ୍ୟ ଅପହରଣ କରି ନେଇଥିଲେ। ଅପହରଣକାରୀମାନେ ତାଙ୍କୁ ବହୁତ ମାଡ଼ ମାରିଥିଲେ। ସେମାନେ ପ୍ରଥମେ ସେ ଭାରତୀୟ ବୋଲି ଜାଣି ନଥିଲେ ।ଅପହରଣ ପରେ ତାଙ୍କୁ ୨ରୁ ୩ ଦିନ ଜଙ୍ଗଲରେ ଓ ପରେ ଏକ ଜେଲରେ ରଖିଥିଲେ। ସେ ବଞ୍ଚିବେ ବୋଲି ଭାବି ନଥିଲେ, କାରଣ ସେଠାରେ ଦିନେ ଖାଇଲେ ଦିନେ ଖାଉ ନଥିଲେ। ତାଙ୍କୁ ଆବୁଧାବିରେ ପହଞ୍ଚିବା ଯାଏଁ ହାତ ବାନ୍ଧି ଓ ଆଖିରେ ପଟି ପକାଇ ରଖିଥିଲେ ।ଅପହରଣକାରୀମାନେ ତାଙ୍କୁ 'ଶାହରୁଖ ଖାନଙ୍କୁ ଜାଣିଛ କି ?' ବୋଲି ପଚାରୁଥିଲେ। ସେମାନେ ମୋ ସହ ଆଉ ଦୁଇ ଜଣଙ୍କୁ ଅପହରଣ କରି ନେଇଥିଲେ, କିନ୍ତୁ ପରେ ମାଲିକଙ୍କୁ ଛାଡ଼ି ଦେଇଥିଲେ। ତାଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପରେ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଆଶ୍ୱସ୍ତି ଖେଳିଯାଇଛି।

# ପିସିସି ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୧୭।୧୨: କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର କ୍ରମାଗତ ଭାବରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛି। ମିଥ୍ୟା ମାମଲାରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ କେସରେ ଫସାଇ ଦୀର୍ଘବର୍ଷ ଧରି ହଇରାଣ ହରକତ କରିଥିଲା। ସୁପ୍ରିମକୋର୍ଟ ନ୍ୟାସନାଲ ହେରାଲ୍ଡ ମାମଲାରେ ଶ୍ରୀମତୀ ଗାନ୍ଧୀ ଓ ଶ୍ରୀ ଗାନ୍ଧୀଙ୍କୁ ସଂପୂର୍ଣ୍ଣ ଦୋଷମୁକ୍ତ କରିଛି। ଫଳରେ ଆଜି କଂଗ୍ରେସର



ଏକ ମସ୍ତବଡ଼ ନୈତିକ ବିଜୟ ପାଇଛି। ଏହା ସହିତ ବିଜେପିର ପ୍ରତିହିଂସା ପରାୟଣ ରାଜନୀତି ଦେଶ ଆଗରେ ଉଜାଗର ହୋଇଛି। ପୁଣି ସରକାର ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରୁଛି। ଯାହା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କୋଟି କୋଟି ଭାରତୀୟଙ୍କ ମନରେ ଆଘାତ ଦେଇଛି। ତେଣୁ ବିଜେପି ସରକାରର ସମ୍ବିଧାନ ଓ ଗଣତନ୍ତ୍ର ବିରୋଧି କାର୍ଯ୍ୟକଳାପ ବିରୋଧରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନ ଠାରୁ ବାହାରି ବିଜେପି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ଘେରାଉ କରିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସିର୍ଦ୍ଧାଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ସୋଫିଆ ଫିର୍ଦ୍ଦୋଶ, ଅମିୟ ପଟ୍ଟନାୟକ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ମିନାକ୍ଷି ବାହିନୀପତି, ଚିନ୍ମୟ ପ୍ରସାଦ ବେହୁରା, ମାନସ ଆଚାର୍ଯ୍ୟ, ପ୍ରଦୀପ୍ତ ଦାସ, ମାନସ କର, ସତ୍ୟବ୍ରତ ନାୟକ, ଅଶୋକ ଦାସ, ହରିଶଙ୍କର ରାଉତ, ମନୋଜ ନାୟକ, ମଂଟୁ ମଲ୍ଲିକ, ମିହିର ଆଚାର୍ଯ୍ୟ, ରାଜକିଶୋର ବାରିକ, ଶୁଭେନ୍ଦୁ ଦାସ, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରାଉତରାୟ, ଆତ୍ମାରାମ ପତିଙ୍କ ସହ ହଜାର ହଜାର ସଂଖ୍ୟାରେ ଯୁବ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ଯୋଗଦାନ କରିଥିଲେ।

# 'ନିଛାଟିଆ ଜାଗାକୁ ରାତି ୮ଟା ପରେ ଯାଆନ୍ତୁନି'

ଭୁବନେଶ୍ୱର,୧୭।୧୨: ଧଉଳୀ ସ୍ଥିତ ଦୟାନଦୀ ପଠାରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହେବା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଲାଗି ରହିଛି। ଏହି ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ରାଜ୍ୟ ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଦେଇଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ସମାଲୋଚନା ଜୋର ଧରିଛି।

ଘଟଣାସ୍ଥଳ ପରିଦର୍ଶନ ପରେ ଉର୍ମିଳା ମହାପାତ୍ର କହିଛନ୍ତି, "ଝିଅମାନଙ୍କୁ ମୋର ଅନୁରୋଧ, ନିଛାଟିଆ ଜାଗାକୁ ଯଦି ରାତି ୮ଟାରେ ଗୋଟେ ଝିଅ ଆସେ କୌଣସି ପ୍ରକାର ଅଘଟଣ ବି ଘଟିପାରେ। ଏ ପ୍ରକାର ଭାବନା ଆମ ଭିତରେ ରହିବ ଉଚିତ।" ସେ ଆହୁରି ମଧ୍ୟ କହିଛନ୍ତି ଯେ ରାତିରେ ନିଛାଟିଆ ସ୍ଥାନକୁ ଝିଅମାନେ ଯିବା ଉଚିତ୍ ନୁହେଁ।

ଗତ ଡିସେମ୍ବର ୧୦ ତାରିଖରେ ଯୁକ୍ତ ଦୁଇରେ ପଢୁଥିବା ଜଣେ ୧୭ ବର୍ଷୀୟା ନାବାଳିକା ତାଙ୍କ ସମ୍ପର୍କୀୟ ପୁରୁଷ ବନ୍ଧୁଙ୍କ ସହ ଧଉଳୀ ଶାନ୍ତି ସ୍ତୁପ ବୁଲି ଫେରୁଥିବାବେଳେ ଦୟାନଦୀ ପଠା ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ଲୁଟ୍ କରିବା ସହ ତାଙ୍କ ପୁରୁଷ ବନ୍ଧୁଙ୍କ ସାମ୍ନାରେ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ପୋଲିସ ଏହି ମାମଲାରେ ସୋମବାର ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଜେଲକୁ ପଠାଇଛି ।ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜେଲ ଫେରନ୍ତା ଅପରାଧୀ ଜୋକର ହାପି ଏପର୍ଯ୍ୟନ୍ତ ପୋଲିସ ହାତରେ ଧରା ପଡ଼ିନାହିଁ। ସେ ରାଜ୍ୟ ବାହାରକୁ ଚମ୍ପଟ ମାରିଥିବା ସନ୍ଦେହ କରାଯାଉଛି। ହାପି ନାବାଳିକାଙ୍କ ନଗ୍ନ ଭିଡିଓ ରେକର୍ଡ କରିଥିବା ଅଭିଯୋଗ ହୋଇଛି ଏବଂ ଭିଡିଓ ଭାଇରାଲ୍ କରିବାର ଆଶଙ୍କା ଥିବାରୁ ପୀଡ଼ିତା ଭୟଭୀତ ଅଛନ୍ତି। ହାପି ବିରୋଧରେ ପୂର୍ବରୁ ହତ୍ୟା ଉଦ୍ୟମ, ଲୁଟ୍, ଚୋରି ସମେତ ୨୦ରୁ ଅଧିକ ସଙ୍ଗୀନ ମାମଲା ରହିଛି। ପୋଲିସ ବିଭିନ୍ନ ଟିମ୍ ଗଠନ କରି ହାପିକୁ ଖୋଜୁଛି।

## ଡାହୁକ



ହାରି ହାରି ଦେହ ସୁହା ଏମିତିକା
ଟିକିଏ ବି ନାହିଁ ବାଧା
ହାତ ମୋଡି ହୋଇ ଯେମିତି ପଡିଚି
କେମିତି ହୋଇବ ସିଧା
ଗୋଛି କଟା କଟି କାଦୁଅ ଫିଙ୍ଗାଟା
କଂଗ୍ରେସର ଧରା ବନ୍ଧା
ଯେତେ ବର୍ଷ କଲେ ମାନସ ମନ୍ଥନ
କିଫଳ ପାଇବେ ଗଧା

-ବିଧୁ

# ଭାରତୀୟ ମୂଲ୍ୟବୋଧ ଆଧାରରେ ଯୋଗ୍ୟ ନେତୃତ୍ୱ ତିଆରି କରିବା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୧୭।୧୨(ନି.ପ୍ର.): ବର୍ତ୍ତମାନ ସମୟରେ ଦୁନିଆର ସବୁଠାରୁ ବଡ଼ ସମସ୍ୟା ହେଉଛି ଯୋଗ୍ୟ ନେତୃତ୍ୱ ବା ଲିଡରସିପ । ଯିଏ ଠିକ୍ ସମୟରେ ଉଚିତ ନିର୍ଣ୍ଣୟ ନେଇପାରେ, ସେ ହିଁ ପ୍ରକୃତ ଲିଡର । ତେଣୁ ଭାରତୀୟ ମୂଲ୍ୟବୋଧ ଆଧାରରେ ଯୋଗ୍ୟ ନେତୃତ୍ୱମାନଙ୍କୁ ତିଆରି କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଦରକାର ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଇଣ୍ଡିଆ ଫାଉଣ୍ଡେସନ୍ ଏବଂ ବେଷ୍ଟ ଇନୋଭେସନ୍ ୟୁନିଭର୍ସିଟି ଦ୍ୱାରା ପ୍ରତିଷ୍ଠିତ 'ସ୍କୁଲ୍ ଅଫ୍ ଗ୍ଲୋବାଲ୍ ଲିଡରସିପ୍'ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସେ କହିଛନ୍ତି ଭାରତୀୟତା ଆଧାରରେ ପ୍ରତିଷ୍ଠିତ 'ବିକଶିତ ଭାରତ ପ୍ରତିଷ୍ଠାନ ବିଲ୍' ଲୋକସଭାରେ ଆଗତ ହୋଇଥିବା ପରି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଏଭଳି ଏକ ଅନୁଷ୍ଠାନର ଶୁଭାରମ୍ଭ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଭାରତର ଶିକ୍ଷାକୁ ବୈଶ୍ୱିକରଣ କରିବା, ବହୁମୁଖୀ ଶିକ୍ଷା ପ୍ରଦାନ କରିବା ଏବଂ ଶିକ୍ଷାକୁ ସୁଗମ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କର ମୂଳ କଳ୍ପନା । ଏହି କଳ୍ପନାକୁ ସାକାର କରିବା ପାଇଁ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରାଯାଇଛି। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ଭାରତର ମୂଲ୍ୟବୋଧକୁ ଆଧାର କରି ଯୋଗ୍ୟ ବୈଶ୍ୱିକ ନାଗରିକ ତିଆରି କରିବା ।ନେତୃତ୍ୱ ଉପରେ ଗୁରୁତ୍ୱ ଦେଇ ସେ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିରର ଉଦାହରଣ ଦେଇଥିଲେ । ସେ କହିଥିଲେ ଯେ, ଯେତେବେଳେ ଏନଆଇଟି କିମ୍ବା ଆଇଆଇଟି ଭଳି ଅନୁଷ୍ଠାନ ନଥିଲା, ସେତେବେଳର ଲୋକମାନେ ଏହାକୁ ତିଆରି କରିଥିଲେ, ଯାହା ଭାରତୀୟ ବୈଜ୍ଞାନିକ ପୃଷ୍ଠଭୂମିର ଏକ ଜ୍ୱଳନ୍ତ ପ୍ରମାଣ । ଏହାକୁ ତିଆରି କରିବା ପାଇଁ ୧୨୦୦ କାରିଗର ଲାଗିଥିଲେ ମଧ୍ୟ ଓଡ଼ିଆ ସ୍ଥପତି ବିଶୁ ମହାରଣାଙ୍କ ପୁଅ ଧର୍ମପଦ ମନ୍ଦିରରେ ମୁଣ୍ଡି ମାରିଥିଲା । ଏହିଠାରେ ହିଁ ନେତୃତ୍ୱର ଆହ୍ୱାନ ଏବଂ ସମାଧାନର ପ୍ରକୃତ ପ୍ରତିଫଳନ ଦେଖିବାକୁ ମିଳିଥାଏ।

କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ସଭ୍ୟତାରେ ନେତୃତ୍ୱର ମୂଳ ଆଭିମୁଖ୍ୟ ରହିଛି । ଆମେ 'ବସୁଧୈବ କୁଟୁମ୍ବକମ୍' ତଥା ସାରା ବିଶ୍ୱ ଏକ ପରିବାରରେ ବିଶ୍ୱାସ କରୁ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଭାବୁ । ଏହି ପ୍ରକାରର ମୂଲ୍ୟବୋଧ କେବଳ ଭାରତରେ ହିଁ ସମ୍ଭବପର ହୋଇପାରିବ। ଶେଷରେ ସେ ଆଶା ବ୍ୟକ୍ତ କରିଛନ୍ତି ଯେ, ଏହି 'ସ୍କୁଲ୍ ଅଫ୍ ଗ୍ଲୋବାଲ୍ ଲିଡରସିପ୍' ମାଧ୍ୟମରେ ଭାରତ ବିଶ୍ୱକୁ ଏକ ସକାରାତ୍ମକ ଦିଗଦର୍ଶନ ଦେବା ସହିତ, ଆଗାମୀ ଦିନରେ ନୂତନ ବିଶ୍ୱ ନେତାମାନଙ୍କୁ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।





# ଆଜି ମାଁ ସାହାଜୀ ଯୁବକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ

ବଙ୍ଗୋମୁଣ୍ଡା,୧୭।୧୨:(ମନ୍ଥନ)ଆଜି ଅର୍ଥାତ ୧୮ ତାରିଖ ଗୁରୁବାର ଦିନ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଁ ସାହାଜୀ ଯୁବକ ସଂଘ କପିଲାଭଟା ର ୨୫ ବର୍ଷ ପୂର୍ତ୍ତି ଅବସର ରେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ । ଅପରାହ୍ନ ୨ ଘଟିକାରେ କପିଳାଭଟା ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ସାହାଜିକଟେନ ଙ୍କ ପୀଠ ରୁ ମଶାଲ ଯାତ୍ରା ଓ ସନ୍ଧ୍ୟା ରେ ରୌପ୍ୟ ଜୟନ୍ତୀ ମହାସମାରୋହ ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି କେଭି କଲେଜ ର ଓଡ଼ିଆ ଅଧ୍ୟାପକ ତଥା ବିଶିଷ୍ଟ ଲେଖକ ସଞ୍ଜୟ ମିଶ୍ର ଓ ଅନ୍ୟ ମାନେ ଅତିଥି ଭାବେ ଯୋଗ ଦେବେ । ଏହି ଅବସର ରେ କପିଲାଭଟା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ, ଅଙ୍ଗନବାଡ଼ି କର୍ମୀ ପ୍ରିୟା ବାଗ, ଆଶା କର୍ମୀ ସଂଗୀତା ବନଛୋର,ଏମବିକେ ଭୁଜଙ୍ଗିନୀ ହଂସ,ସିଆରପି ଇନ୍ଦୁମତି ହଂସ ଙ୍କ ସହ ଅଞ୍ଚଳ ର ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଓଡିଶା ସରକାର ଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ରୁ ଛଉ ନୃତ୍ୟ ସହ ଅଞ୍ଚଳ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ମାଁ ସାହାଜି ଯୁବକ ସଂଘ ର ସଂଯୋଜକ ପୃଥିରାଜ ବାଗ, ସଭାପତି ଜିତାମିତ୍ର ବିଶି,ସମ୍ପାଦକ ହୁଲେଶ୍ୱର ହଂସ ପ୍ରମୁଖ ସୂଚନା ଦେଇଛନ୍ତି ।

# ତାମିଲନାଡୁ ସଡ଼କ ଦୁର୍ଘଟଣାରେ ଜଳେଶ୍ୱର ଯୁବକର ମୃତ୍ୟୁ

ଜଳେଶ୍ୱର,୧୭।୧୨:(ମନ୍ଥନ)ଜଳେଶ୍ୱର ବ୍ଲକ ଅଧିନ,ପଶ୍ଚିମବାର୍ଡ ପଞ୍ଚାୟତର ଶେଖ୍ ମନସୁରର ପୁଅ ଶେଖ୍ ରୋହିତ (୨୫) ଙ୍କ ତାମିଲନାଡୁରେ ଏକ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଶେଖ୍ ରୋହିତ କିଛି ମାସ ହେବ ତାମିଲନାଡୁ ରାଜ୍ୟର ତେରୁନେଲଭେଲ୍ଲିର ଏକ ହୋଟେଲରେ କାର୍ଯ୍ୟ କରିଆସୁଥିଲେ । ରବିବାର ରାତିରେ ହୋଟେଲରୁ ଫେରୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ସୂଚନା ପାଇ କଂଗ୍ରେସ ନେତା ସୁଦର୍ଶନ ଦାସ ଗଭୀର ଶୋକ ବ୍ୟକ୍ତ କରିବା ସହ ମର ଶରୀର ଗ୍ରାମକୁ ଆଣିବାକୁ ତାମିଲନାଡୁର କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଡଃ ଏ ଚେଲା କୁମାରଙ୍କୁ ଫୋନ୍ ଯୋଗେ ଅନୁରୋଧ କରିଥିଲେ । ସେଠାକାର କଂଗ୍ରେସ ସଭାପତି ଓ ଚେଲା କୁମାରଙ୍କ ସହାୟତାରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ମର ଶରୀର ଗ୍ରାମକୁ ଆସୁଥିବା ଜଣାଯାଇଛି । ଜଳେଶ୍ୱର କଂଗ୍ରେସ ପକ୍ଷରୁ ଗଭୀର ଶୋକ ପ୍ରକାଶ କରିବା ସହିତ ପୂର୍ବତନ ସରପଞ୍ଚ ପଦ୍ମଲୋଚନ ବେହେରା, ଚନ୍ଦନ ଜେନା,ସହିଦ ଅଲ୍ଲୀ ଶାହା ପ୍ରମୁଖ ସେଠାକାର ନେତୃମଣ୍ଡଳୀ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ସହିତ ସରପଂଚ ଶମ୍ଭୁନାଥ ଜେନା, ସମିତି ସଦସ୍ୟ ହରିଶ ମହାଲିକ, ସେଖ୍ ମୋତୀଲାଲ ଓ ଗ୍ରାମବାସୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତିୟ ପ୍ରକାଶ ଯୋଗ୍ୟ ଦାଦନ ସମସ୍ୟା ସମାଧାନ ହୋଇପାରୁ ନଥିବା ବେଳେ ବହୁ ଯୁବକ ଙ୍କ ପ୍ରବାସରେ ପ୍ରାଣହାନି ଘଟୁଛି ।

# ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

ମୋରଡ଼ା,୧୭।୧୨:(ମନ୍ଥନ) ଶିତର ପ୍ରଭାବ ବଢ଼ି ବଢ଼ି ଚାଲିଥିବା ବେଳେ, ଗରିବ ଅସହାୟ ଲୋକେ ଶୀତରେ ଥରୁଛନ୍ତି । କିଭଳି ଗରିବ ଅସହାୟ ଲୋକେ ଥଣ୍ଡାରୁ ରକ୍ଷା ପାଇବେ ତେଣୁ ବିଭିନ୍ନ ପଞ୍ଚାୟତ ବୁଲି ବୁଲି ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି ଓଡ଼ିଶା ସରକାରଙ୍କ ବିଧାୟକ ଓ ମନ୍ତ୍ରୀୟ ଦେଇଦିନ ଧରି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଦେଉଳି, ଚୂହାଟ, ନୂଆଗାଁ, କାଣିମୋହୁଲି,କୋଷ୍ଟା, କୁଜିଡ଼ିହି,ପାକଟିଆ, ବଡ଼ଭାଲିଆ,ଧାତିକା, ଉଫାଲଗଡିଆ,ମହାବିଲା, ଫାନିଆ ଆଦି ପଞ୍ଚାୟତରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କମଳ ବଣ୍ଟନ କରିଛନ୍ତି ।

# ବୃହତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ପୁରୀ/ନିମାପଡ଼ା, ୧୭।୧୨:(ମନ୍ଥନ)ଭୁବନେଶ୍ୱରର ଅଗ୍ରଣୀ ଚିକିତ୍ସାଳୟ ସୁଶ୍ରୁ ହସ୍ପିଟାଲ ଓ ଟ୍ରମା କେୟାର ର ସହଯୋଗରେ ନିମାପଡ଼ା ମହାବିଦ୍ୟାଳୟର ଆଇକିଉସି ସେଲ ଓ ପୁରାତନ ଛାତ୍ର ସଂସଦର ମିଳିତ ଭାବେ ଏକ ବୃହ୍ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା , ପ୍ରାୟ ଏକ ଶହ ରୁ ଉର୍ଦ୍ଧ୍ୱ ଶିକ୍ଷକ , ଅଣ ଶିକ୍ଷକ କର୍ମଚାରୀ ଓ ଦୁଇ ଶହ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପୁରାତନ ଛାତ୍ର ଛାତ୍ରୀ ଏହି ଶିବିର ରେ




ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଡ ଅମରେଶ ପ୍ରହଲ୍ଲାଦ, ଡ ବିଭାସ ରାଜ,ଡ ପଲ୍ଲୀଶ୍ରୀ ଦଳେଇ ଙ୍କ ଭଳି ତିନିଜଣ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ରୋଗର ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ପୁରାତନ ଛାତ୍ର ତଥା ସୁଶୃତ ହସ୍ପିଟାଲ ର ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ସାହୁ ଙ୍କ ତତ୍ତ୍ୱାବଧାନରେ ତିନି ଜଣ ଡାକ୍ତର ଓ ୬ ଜଣ ଷ୍ଟାଫ୍ ଯୋଗ ଦେଇ ଥିଲେ । ଅଧକ୍ଷା ଶ୍ରୀମତୀ ଅମିତା ମହାନାୟକ, ପୁରାତନ ଛାତ୍ର ସଂସଦର ସମ୍ପାଦକ ବସନ୍ତ କୁମାର ପାତ୍ର, ପ୍ରଶାସନିକ ଅଧିକାରୀ ଡ ରବୀନ୍ଦ୍ର ନାଥ ପାଢ଼ୀ, ପ୍ରଦୀପ ଦାଶ, ଆଇକିଉସିର ସହ ସଂଯୋଜିକା ସ୍ୱପ୍ନାରାଣୀ ମିଶ୍ର, ବିଷ୍ଣୁ ପ୍ରସାଦ ସାହୁ, ଦେବିଦତ୍ତ ବେହେରା, ପ୍ରବୀର କୁମାର ବେହେରା, ପ୍ରେମରାଜ ଗହୀର କାର୍ଯ୍ୟକ୍ରମରେ ସହଯୋଗ କରି ଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ୍ କ୍ରସ୍ ର ୨୦ ଜଣ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

# ଦୁର୍ଘଟଣା ଗୋବାଝେଇ ପିକାପ୍ ଜବତ, ଗୋଟିଏ ଗୋରୁ ମୃତ

ମୋରଡ଼ା,୧୭।୧୨:(ମନ୍ଥନ)ଦିନକୁ ଦିନ ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ଗୋ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନକୁ ଖାତିର ନକରି ଗୋ ମାଫିଆ ମାନେ ଖୁଲମ୍ ଖୁଲା ଗୋଚୋରା ଚାଲାଣ କରୁଛନ୍ତି । ଦିନ ରାତି ଅହରହ ପୀକାପ୍ ଓ ଚଲାଇ ଚଲାଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି । ରାତି ସମୟରେ ରାସ୍ତାରେ ଯିବା ଆସିବା କରିବା ପାଇଁ ଭୟ ଲାଗୁଛି । ମଙ୍ଗଳବାର ରାତି ୩ଟା ସମୟରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧିନ କଷ୍ଟା କଲେଜ୍ ଛକ ନିକଟରେ ଏକ ପିକାପରେ ୧୧ଟି ଗୋରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ସମୟରେ ଦୃତଗତିରେ ଆସି ରାସ୍ତା କଡରେ ଥିବା ଏକ ଗଛରେ ବାଡେଇ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣା ଏତେ ଜୋର୍ ହୋଇଥିଲାଜେ ପୀକାପ ର ସମ୍ନାପଟ ଭାଙ୍ଗିଯିବାସହ ଗୋଟିଏ ଗୋରୁ ମୃତ ଓ ଗୋଟିଏ ଗାଈ କ୍ଷତ ବିକ୍ଷତ ଅବସ୍ଥାରେ ଦୁର୍ଘଟଣା ସ୍ଥଳରେ ପଡ଼ିଥିବା ବେଳେ ୯ଟି ଗୋରୁ ଏବଂ ପିକାପ ଓ ହେଲପରକୁ ଜବତ କରିଛି ଶୁଳିଆପଦା ପୋଲିସ । ଏ ବାବଦରେ ଶୁଳିଆପଦା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

# ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷ ଓ କଳ୍କୀ ଅବତାରଙ୍କ ବ୍ରହ୍ମଏକାକ୍ଷର ମେଳା ଅନୁଷ୍ଠିତ

ପଟାମୁଣ୍ଡାଇ,୧୭।୧୨:(ମନ୍ଥନ)ପଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା,ପ୍ରଶାନ୍ତ ପଣ୍ଡା, ସେବକ ରତିକାନ୍ତ ଧଳ, ଗଗନ ମହାଲିକ, କବି ନୃସିଂହ ରାଉତଙ୍କ ତତ୍ତ୍ୱାବଧାନରେ ଓ ବିଚିତ୍ରାନନ୍ଦ ବେହେରା, ପାର୍ବତୀ ବେହେରାଙ୍କ ପୌରାହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ ।ଆୟୋଜିତ ମେଳାରେ ଅଳପୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଧଳ, ସମିତିସଭ୍ୟ ଅକ୍ଷୟ ରାଉତ, ଚନ୍ଦନ ସାହୁ,କଳ୍ପତରୁ ନାୟକ, ସୁକାନ୍ତ ରାଉତ, କିଶୋର ରାଉତ,କ୍ଷୀରୋଦ ରାଉତ,ଆଦିତ୍ୟ ରାଉତ,ଅନନ୍ତ ରାଉତ,ସର୍ବେଶ୍ୱର ସାହୁ,ଶୁକଦେବ ସାହୁ, ଅନ୍ତର୍ଯ୍ୟାମୀ ନାୟକ, କୈବଲ୍ୟ ପରିଡା,ଗଦାଧର ନାୟକ, ନକୁଳ ମଳିକ, ବାବୁରାମ ସେଠି, ଘନଶ୍ୟାମ ମଳିକ, ନିରଞ୍ଜନ ଧଳ, ପଦ୍ମନାଭ ନାୟକ ଗୀତାଞ୍ଜଳି ନାୟକ, ମନୋସ୍ୱିନୀ ବିଶ୍ୱାଳ, ନରେନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇ ଥିଲେ । ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା ।

# ପୁରୀ ମହୋତ୍ସବ ପାଇଁ ଜିଲ୍ଲାପ୍ରଶାସନ ଦ୍ୱାରା ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ,୧୭।୧୨:(ମନ୍ଥନ)ଶ୍ରୀକ୍ଷେତ୍ରରେ ବିକାଶ ମଂଚ ପକ୍ଷରୁ ପୁରୀ ରେ ହେବାକୁ ଯାଉଛି ୨ ଦିନିଆ ପୁରୀ ମହୋତ୍ସବ । ଶ୍ରୀକ୍ଷେତ୍ର ପୁରୀ ରେ ଥିବା ପାରମ୍ପରିକ ଓ ସାଂକୃତିକ ଭାବଧାରାକୁ ଆନ୍ତର୍ଜାତୀୟ ସ୍ତରରେ ପହଁଞ୍ଚାଇବା ସହିତ ଲୋକାଭିମୁଖି କରିବା ପାଇଁ ଚଳିତ ମାସ ୨୦ ଓ ୨୧ ତାରିଖ ସମୁଦ୍ର ବେଳାଭୂମିରେ ହେବାକୁ ଯାଉଚି ପୁରୀ ମହୋତ୍ସବ । ଶ୍ରୀକ୍ଷେତ୍ର ବିକାଶ ମଂଚ ପକ୍ଷରୁ ପୁରୀ ରେ ଥିବା ଜାଗା, ଆଖଡା, ତୋଟା, ମଠ ଓ ମନ୍ଦିର ମାନଙ୍କରେ ଚାଲିଥିବା ସାଂସ୍କୃତିକ,ପାରମ୍ପରିକ ଓ ସମରକଳା କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଗକୁ ନେବା ପାଇଁ ଏହା ଏକ ପଦକ୍ଷପ । ପୁରୀ କୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିବା ପାଇଁ ସମୁଦ୍ର କୂଳରେ ବିଭିନ୍ନ ଲାଇଫ ସେଭ ଖେଳ, ଓ ପାରମ୍ପରିକ ନୃତ୍ୟ କୁ ଏହି ମଂଚ ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ମୁମ୍ବାଇ ରୁ ଇଣ୍ଡିଆନ୍ ଆଇଡଲରେ ଯୋଗ ଦେଇଥିବା ୩ ଜଣ କଳାକାର ମଧ୍ୟ ସଙ୍ଗୀତ ପରିବେଷଣ କରିବେ ବୋଲି ଆୟୋଜକ



ସୂଚନା ଦେଇଛନ୍ତି । ଏହି କାଯ୍ୟକ୍ରମ କୁ ଶାନ୍ତି ଶୃଙ୍ଖଳା ସହିତ ସମ୍ପର୍ଣ୍ଣ ପାଇଁ ସର୍କିଟ ହାଉସ ଠାରେ ଅତିରିକ୍ତ ଜିଲ୍ଲପାଳ ପ୍ରୋଟୋକଲ ନିଳମାଧବ ଭୋଇ ଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା, ଭିଡ ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ ବିଭାଗ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା ।ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ,ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ,ପୌର ପରିଷଦ ର ଏନଫୋର୍ସମେଣ୍ଟ ଅଧିକାରୀ ସୌମ୍ୟ ରଞ୍ଜନ ବେହେରା,ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଶ୍ରୀକ୍ଷେତ୍ର ବିକାଶ ମଂଚ ର ସଭାପତି ବିନୋଦ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ମହୋତ୍ସବ ର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ରବି ଶଙ୍କର ପ୍ରତିହାରୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ରବିନାରାୟଣ ସେନାପତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ,ସମ୍ପାଦକ ଲକ୍ଷ୍ମୀନାରାୟଣ ପୁଷ୍ଟି, ରମେଶ ଚନ୍ଦ୍ର ଦାସ, କେଶବ ଚନ୍ଦ୍ର ସାହୁ, ସୁରେନ୍ଦ୍ର ନାୟକ, ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କିପରି ସରସ ସୁନ୍ଦର କରାଯାଇ ପାରିବ ସେ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ । ଆବାହକ କୃଷ୍ଣଚନ୍ଦ୍ର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଚିଣ୍ଡା ରାମ ମନ୍ଦିରରେ ସତ୍ୟନାରାୟଣ ପୂଜା ଅନୁଷ୍ଠିତ

କୁଚିଣ୍ଡା,୧୭।୧୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ରାମ ମନ୍ଦିର ଠାରେ ଧନୁ ସଂକ୍ରାନ୍ତି ଅବସରରେ ସତ୍ୟନାରାୟଣ ପୂଜା ଧୁମ୍ ଧାମରେ ଅନୁଷ୍ଠିତ ହୋଇଯାଇଛି । ସକାଳେ ରାମ ମନ୍ଦିରରେ ଭଗବାନ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ମହାପ୍ରଭୁଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ଅପରାହ୍ନରେ ଭଗବାନ ସତ୍ୟନାରାୟଣ ଙ୍କ ପୂଜାର୍ଚ୍ଚନା ହେବା ସହିତ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ତନୟ ମହାପାତ୍ର ଏବଂ ତାଙ୍କ ଧର୍ମପତ୍ନୀ ଶ୍ରୀୟା ମହାପାତ୍ର ବସିଥିବାବେଳେ ପୂଜକ ଭାବେ ନିଲାଞ୍ଚଳ ପାଣିଗ୍ରାହୀ, ଚିତ୍ତରଞ୍ଜନ ପଣ୍ଡା,ତପନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଶ୍ରୀରାମ ମନ୍ଦିର କମିଟି ପକ୍ଷରୁ ସଭାପତି ଯୁଧିଷ୍ଠିର ଦାନୀ,ବ୍ରହ୍ମପ୍ରକାଶ ମହାପାତ୍ର, ଅଜୁ ଚାଲାନ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ବିକି ସା, ପିଙ୍କୁ ଜେନା,ରାମଚନ୍ଦ୍ର ବେହେରା,ହେମନ୍ତ ପାଣିଗ୍ରାହୀ, ବୁଧୁ ସା,ଭୀମ ନାଏକ, ଝୁଲଣ ସା,କୁଷ ରଣା, ହରି ପୃଷେଠ,ପ୍ରମୁଖ ସମସ୍ତ କମିଟି କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# କୁଚିଣ୍ଡା ଡୁନ କନଭେଣ୍ଟ ସ୍କୁଲରେ ତୃତୀୟ ବାର୍ଷିକ କ୍ରୀଡ଼ା ଦିବସ ପାଳିତ

କୁଚିଣ୍ଡା,୧୭।୧୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ମୁକୁନ୍ଦି ଖେଳପଡିଆ ରେ ଡୁନ କନ୍ଭେଣ୍ଟ ଗ୍ଲୋବାଲ୍ ସ୍କୁଲ ର ତୃତୀୟ ବାର୍ଷିକ ଖେଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କୁଚିଣ୍ଡା ଉପଜିଲ୍ଲାପାଳ ସର୍ବନନ୍ ସି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସୁଭ ଉଦ୍ଘାଟନ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ର ବିଭିନ୍ନ ଖେଳ ବର୍ଗରେ ଭାଗ ନେଇଥିଲେ । ବିଜେତା ଛାତ୍ରଛାତ୍ରୀ ଙ୍କୁ ମେଡାଲ ଓ ସାର୍ଟିଫିକେଟ ଦେଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲ୍ ନିର୍ଦ୍ଦେଶକ ଅଜି୍ କୁମାର, ଅଧକ୍ଷା ପଦ୍ମିନୀ ପାଣିଗ୍ରାହୀ, ସଂଯୋଜକ ଅଂସୁ ଶର୍ମା, ରୋଜାଲିନ କୁମାର୍, ଅଞ୍ଜନି ନାୟକ, ଖେଳ ଶିକ୍ଷକ ଅଜିତ ଦାସ୍ ଓ ଶିବାନୀ ଖର୍ସେଲ୍ ପ୍ରମୁଖ ପରିଚାଳନା କରିଥିବା ବେଳେ ମଧୁସ୍ମିତା ମହାକୁଲ ସହଜୋଗ କରିଥିଲେ ।

## ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ

# ଶାନ୍ତିପୂର୍ଣ୍ଣ ଧାରଣାରେ ବସିଲେ ଶିକ୍ଷକ

ଡେଲାଙ୍ଗ,୧୭।୧୨:(ମନ୍ଥନ)ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବ ହେତୁ ଡେଲାଙ୍ଗ ବ୍ଲକ୍ ଶିକ୍ଷାଧିକାରୀଙ୍କ କର୍ଯ୍ୟାଳୟରେ ସମ୍ମୁଖରେ ଆଜି ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ନ୍ୟାୟ ପାଇଁ ଧାରଣା ଦେଇଛନ୍ତି । ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହାତ୍ମା ଗାନ୍ଧି ଓ ଗୋପବନ୍ଧୁ ଦାସଙ୍କ ଫଟୋ ଚିତ୍ର ରଖି ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହିତ ମୋତେ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଚାକିରି ନିୟମିତ କରଣ ଓ ସମସ୍ତ ବକେୟା ପ୍ରାପ୍ୟ ପାଇବା ପାଇଁ ଶିକ୍ଷା ବିଭାଗର ଅଧିକାରୀ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ । ୨୦୧୮ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଘଟଣାର ଅନୁସନ୍ଧାନ କରି ଚାକିରି ନିୟମିତ ସହିତ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଧା ତାହା କାର୍ଯ୍ୟକାରି ନହେବାରୁ ଶିକ୍ଷକ ଶ୍ରୀ ସାହୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର କୋର୍ଟ ଅଗଷ୍ଟ ୧୬ ,୨୦୨୪ ରେ ଶିକ୍ଷକଙ୍କ ଚାକିରି




ନିୟମିତ କରଣ ସହ ସମସ୍ତ ପ୍ରାପ୍ୟ ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନାୟାଳୟର ନିର୍ଦ୍ଦେଶ ପରେ ତାଙ୍କୁ କିଛି ମାତ୍ରାରେ ବକେୟା ପ୍ରାପ୍ୟ ମିଳିଥିଲା । କିନ୍ତୁ ଅଦ୍ୟାବଧି ତାଙ୍କ ସେବା ପୁସ୍ତିକା ନିୟମିତ କରାଯାଇନଥିବା ବେଳେ ଏମ୍ଏସିପି ସହ ଆହୁରି ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଶ୍ରୀ ସାହୁ ବ୍ଲକ୍ ଶିକ୍ଷାଧିକରୀ ପାଖକୁ ବାରମ୍ବାର ଦୌଡି ଦୌଡି ଯେତେ ନିବେଦନ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏନେଇ ସେ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓ ପରେ ସ୍ଥାନୀୟ ବିଧାୟକ ଙ୍କୁ ଭେଟି ଶିକ୍ଷାଧିକାରୀ ଓ କର୍ଯ୍ୟାଳୟ ଅଧସ୍ତନ କର୍ମଚାରୀଙ୍କ ମଧ୍ୟରେ ତାଳମେଳ ରହୁନଥିବାରୁ ନ୍ୟାୟାଳୟର ନିର୍ଦ୍ଦେଶ କାର୍ଯ୍ୟକାରି ହେଉନଥିବା ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନା ଥାଉକି ୨୦୧୪ ମସିହାରେ ଶିକ୍ଷକଙ୍କ ଅନ୍ୟତ୍ର ବଦଳିକୁ ନେଇ ମାନ୍ୟବର ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଇଥିଲେ । ନାୟାଳୟରେ ବିଚାର ଶେଷ ନହେବା ପର୍ଯ୍ୟନ୍ତ କୌଣସି ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ସେ ସମୟରେ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲା । ହେଲେ ତତ୍କାଳୀନ ବ୍ଲକ୍ ଶିକ୍ଷାଧିକାରୀ ଇନକ୍ରିମେଣ୍ଟ , ଏମଏସିପି ପ୍ରାପ୍ୟ ବନ୍ଦ ରଖିଥିଲେ । ଶିକ୍ଷକ ଜଣକ ୨୦୧୫ ଓ ୨୦୧୮ ମସିହାରେ ଜିଲ୍ଲାପାଳଙ୍କୁ ବାରମ୍ବାର ଭେଟି ତାଙ୍କ ସମସ୍ୟା ସଂପର୍କରେ ଜଣାଇଥିଲେ । ଜିଲ୍ଲାପାଳ ଶିକ୍ଷକଙ୍କ ସମସ୍ତ ସମସ୍ୟା ବୁଝି ଦରମା ପ୍ରଦାନ ଓ ଚାକିରି ନିୟମିତ କରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ କାର୍ଯ୍ୟକାରି ନହେବାରୁ ସେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆଜକୁ ଦୀର୍ଘ ୧୦ ବର୍ଷ ଧରି ଇନକ୍ରିମେଣ୍ଟ , ଏମଏସିପି ପ୍ରାପ୍ୟ ପାଇ ନଥିବା ବେଳେ ବାଧ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଧାରଣା ଦେଇଥିଲେ । ଖବର ପାଇ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଧାରଣାରତ ଶିକ୍ଷକ ଅଭୟ ଚରଣ ସାହୁଙ୍କ ନିକଟରେ ପହଁଚି ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶିକ୍ଷାଧିକାରୀଙ୍କ ଆଶ୍ୱାସନା ପରେ ଶିକ୍ଷକ ଶ୍ରୀ ସାହୁ ଧାରଣାରୁ ଓହରି ଥିଲେ । ଅନ୍ୟପଟେ ପ୍ରତିଶ୍ରୁତି ପାଳନରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ ଆଗାମୀ ୨୩ ତାରିଖରୁ ପରିବାର ସହିତ ପୁର୍ନବାର ଆମରଣ ଅନଶନରେ ବସିବି ବୋଲି ସେ କହିଛନ୍ତି ।

# ମାଲକାନଗିରି ଜିଲ୍ଲାର ୮ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ଆୟୋଜିତ

ମାଲକାନଗିରି,୧୭।୧୨:(ମନ୍ଥନ)ମାଲକାନଗିରି ଜିଲ୍ଲାରେ ଆଜି ୮ଟି କେନ୍ଦ୍ରରେ ୨୫୯୭ ପରୀକ୍ଷାର୍ଥୀଙ୍କୁ ନେଇ ଓଟିଇଟି ପରୀକ୍ଷା ମାଧ୍ୟମିକ ଶିକ୍ଷା ପରିଷଦ,କଟକଙ୍କ ନିର୍ଦ୍ଦେଶନା ଅନୁସାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସଫଳତାର ସହ ଆୟୋଜନ ହୋଇଯାଇଅଛି । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସୂଚନା ଅନୁସାରେ ପ୍ରଥମ ପେପର୍ ସକାଳ ୮:୩୦ ରୁ ୧୧ ଟା ମଧ୍ୟରେ ୩ଟି କେନ୍ଦ୍ରରେ ୭୪୬ ପରୀକ୍ଷାର୍ଥୀଙ୍କ ପରୀକ୍ଷା ହେବାକୁ ଥିଲାବେଳେ ୮ଟି କେନ୍ଦ୍ରରେ ୧୮୫୧ ଜଣ ଅପରାହ୍ନ ୧:୩୦ ରୁ ୪ ଟା ମଧ୍ୟରେ ଦ୍ୱିତୀୟ ପେପର୍ ଦେବାର ବ୍ୟବସ୍ଥା ହୋଇଥିଲା । ଶେଷ ସୂଚନା ଅନୁଯାୟୀ ପ୍ରଥମ ପେପର୍ ରେ ୬୯୪ ଉପସ୍ଥିତି ଥିବା ବେଳେ ୫୨ ଜଣ ଅନୁପସ୍ଥିତି ଥିଲେ । ଦ୍ୱିତୀୟ ପେପରରେ ୧୭୭୨ ଉପସ୍ଥିତି ଥିବା ବେଳେ ୭୯ ପରୀକ୍ଷାର୍ଥୀ ଅନୁପସ୍ଥିତି ଥିଲେ । ବୋର୍ଡ ତରଫରୁ ଅନନ୍ତ ଚରଣ ସୋରେନ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ମଞ୍ଜୁଲତା ଭୋଇ କେନ୍ଦ୍ର ସ୍କ୍ୱାର୍ଡ ଦଳ ରୂପେ ସମସ୍ତ ବ୍ୟବସ୍ଥା ଦେଖି କୌଣସି କେନ୍ଦ୍ରରେ ଅନିୟମିତତା ହୋଇନଥିବାର ସୂଚନା ଦେଇଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ପୋଲିସ ଅଧିକ୍ଷକ ବିନୋଦ ପାଟିଲ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଜିଲ୍ଲା ନୋଡାଲ ଅଫିସର ରୂପେ ୮ଟି ପରୀକ୍ଷା କେନ୍ଦ୍ର ଯଥା ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି , ନୋଡାଲ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମ ଭି ୭ ତମସା, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଏମ ଭି ୯ ଗୌଡଗୁଡ଼ା, ଏସ୍ ଏସ୍ ଡି ବାଳିକା ଉଚ୍ଚ ବିଦ୍ୟାଳୟ ସତିଗୁଡ଼ା , ଏସ୍ ଏସ୍ ଡି ଉଚ୍ଚ ବିଦ୍ୟାଳୟ ପାଣ୍ଡରିପାଣି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିନ୍ଧରିମାଳ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମ ଭି ୧୫ କେନ୍ଦ୍ରର ପରୀକ୍ଷା ପୂର୍ବରୁ ଜଳ, ସିସିଟିଭି, ପୋଲିସ ମୁତୟନ ଆଦି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦାରଖ କରିଥିଲେ ।

# ଚୋରା ମଦ ସମେତ ମୋଟର ସାଇକେଲ ଜବତ, ୫ ଗିରଫ

କେନ୍ଦ୍ରାପଡ଼ା,୧୭।୧୨:(ମନ୍ଥନ)ଏକ ବିଶେଷ ସୁତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମହାକଳପଡ଼ା ଗ୍ରାମର ବୀର କିଶୋର ମଳିକ(୫୨)ଙ୍କ ଠାରୁ ୩୨ ଲିଟର ଦେଶୀ ମଦ ଓ ଅନ୍ତର୍ଯ୍ୟାମୀ ଦାସ(୨୭)ଙ୍କ ଠାରୁ ୪୧ ଲିଟର ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ଶିଓପଡ଼ା ଗ୍ରାମର ଶରତ ମଳିକ(୩୨)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କଣ୍ଡିଆହାଟ ଗ୍ରାମର ପ୍ରତାପ ମଳିକ(୪୧)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଓ ରାମାକାନ୍ତ ମଳିକ(୩୧)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ୧୫୧ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ଯାଜପୁର ଜିଲ୍ଲାରେ ସାଇବର ସତର୍କତା ସମ୍ପର୍କିତ ଦିନିକିଆ କର୍ମଶାଳା

ଯାଜପୁର,୧୭।୧୨:(ମନ୍ଥନ) ଆଜି ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଅଧୀନରେ ସାଇବର ସତର୍କତା ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି କହିଲେ ଆଜିର ସମୟରେ ଛୋଟ ପିଲାଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି । ଫୋନ, ଇନଷ୍ଟାଗ୍ରାମ, ହ୍ୱାଟସଆପ, ଫେସବୁକ୍ ଇତ୍ୟାଦି ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି । ତେବେ ଅପରାଧୀ ମାନେ




ସକ୍ରିୟ ହୋଇ ପ୍ରତି କ୍ଷେତ୍ରରେ ଠକେଇ ପାଇଁ ଉଦ୍ୟମ କରୁଛନ୍ତି । ସେଥିପ୍ରତି ଆମେ ସତର୍କ ହୋଇ ସାଇବର ଠକାମୀ ରୁ ବର୍ତ୍ତି ପାରିବା ବୋଲି ଶ୍ରୀ ଗିରି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ଶ୍ରୀମତୀ ପାର୍ବତୀ ସାହୁ ବେଟି ପଢ଼ାଓ ବେଟି ବଚାଓ ଅଧୀନରେ ସାଇବର ଠକେଇ ରୁ କିଭଳି ଝିଅ ମାନେ ସତର୍କ ଓ ସଚେତନ ରହିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷକ ଭାବେ ପୋଲିସ ସାଇବର ଏକ୍ସପର୍ଟରୁ ଇନ୍ସପେକ୍ଟର ଅଜୟ ସାହୁ ଏବଂ ଆଡଭୋକେଟ ଅଖିଳ ମୋହନ ଦାସ ସାଇବର ଠକାମୀ ର କିପରି ଶିକାର ନ ହେବେ ଏହାର ଅଧିନିୟମ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁରକ୍ଷା ଅଧିକାରୀ, ପ୍ରୋଗ୍ରାମ ଅଧିକାରୀ, ସବ୍ ଡିଭିଜନାଲ ପି.ଓ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଆର.କେ.ଏସ.କେ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସମସ୍ତ ସି.ଡି.ପି.ଓ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, କିଶୋରୀ ବାଳିକା, ସି.ଏଚ.ଏଲ୍, ରୁଚିକା ସଂଗଠନ ଡି.ସି., ଚାଇଲ୍ଡ ରାଇଟ ଆକ୍ଟିଭିଷ୍ଟ, ହବ ଷ୍ଟାଫ୍ ପ୍ରମୁଖ ଯୋଗଦେଇ ସାଇବର ଅପରାଧର ସଂଜ୍ଞା, କି କି ପ୍ରକାର ଠକାମୀ, ତାହାର ନିରାକରଣ, ସଚେତନତା ଓ ସତର୍କତା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଉକ୍ତ କର୍ମଶାଳାରେ ୪ ଜଣ କିଶୋରୀ ବାଳିକା ଯଥା: ଶୁଭଶ୍ରୀ ସୁଭସ୍ମିତା ସେନାପତି, ଲକ୍ଷ୍ମୀପ୍ରିୟା ପୃଷ୍ଟି, ମନୀଷା ମନସ୍ୱିନୀ ଜେନା, ଦିପ୍ତିମୟୀ ଦାସଙ୍କୁ ଅଦ୍ୱିକା କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରାଯାଇଥିଲା । ସର୍ବଶେଷରେ ସୁରକ୍ଷା ଅଧିକାରୀଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଗୁରୁବାର ୧୮ ଡିସେମ୍ବର, ୨୦୨୫ ଭୁବନେଶ୍ୱର
THURSDAY 18 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବିଧାୟକଙ୍କ ଦରମା ଓ ଭତ୍ତା

ଲୋକେ କହନ୍ତି, ଥରେ ବିଧାୟକ କିମ୍ବା ସାଂସଦ ହେଲେ ସେମାନେ ଯେତେ କମେଇ ଦିଅନ୍ତି, ତାହା ତିନି ପୁରୁଷେ ପର୍ଯ୍ୟନ୍ତ ସରେ ନାହିଁ। କିନ୍ତୁ ଏଭଳି ଚର୍ଚ୍ଚାର ସତ୍ୟତା କେତେ ଆମେ ଜାଣିନାହୁଁ, ଏବେ ଓଡିଶାର ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ-ବାଚସ୍ପତି, ସରକାରୀ ଦଳର ମୁଖ୍ୟ ସଚେତକ, ବିରୋଧି ଦଳ ନେତା ଏବଂ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ୍ ଓ ଭତ୍ତା ଯେପରି ବୃଦ୍ଧି ପାଇଛି, ତାହା ଲୋକଙ୍କ କଥା ସତ୍ୟତାକୁ ପ୍ରତିପାଦନ କରିବା ପାଇଁ ଏକ ଅଂଶ ବିଶେଷ ହୋଇପାରେ। ଦୀର୍ଘ ୮ବର୍ଷର ଦାବି ପରେ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ଅଧାରୁ ବନ୍ଦ ହେବା ଦିନ ବିଧାୟକମାନଙ୍କ ମାସିକ ବେତନ ଓ ଭତ୍ତା ଏବଂ ପୂର୍ବତନ ବିଧାୟକଙ୍କୁ ପେନ୍‌ସନ୍ ଓ ଭତ୍ତା ଏକାଥରକେ ୩ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ବେତନ ଓ ଭତ୍ତା ଏବଂ ପେନ୍‌ସନ୍ ଓ ଭତ୍ତା ଗତ ୨୦୨୪ ଜୁନ ୫ତାରିଖରୁ ପିଛିଲା ଭାବେ ଲାଗୁ ହେବ। ଦରମା ଓ ଭତ୍ତାକୁ ମିଶାଇ ବିଧାୟକଙ୍କୁ ମାସିକ ୩ଲକ୍ଷ ୪୫ହଜାର, ମୁଖ୍ୟମନ୍ତ୍ରୀଙ୍କୁ ୩ଲକ୍ଷ ୭୪ ହଜାର, ବାଚସ୍ପତିଙ୍କୁ ୩ଲକ୍ଷ ୬୮ହଜାର, ଉପ-ବାଚସ୍ପତିଙ୍କୁ ୩ଲକ୍ଷ ୫୦ହଜାର,କ୍ୟାବିନେଟ ମନ୍ତ୍ରୀଙ୍କୁ ୩ଲକ୍ଷ ୬୨ହଜାର ବିରୋଧି ଦଳ ନେତା ଓ ସରକାରୀ ଦଳର ମୁଖ୍ୟ ସଚେତକଙ୍କୁ ୩ଲକ୍ଷ ୬୨ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କୁ ୩ଲକ୍ଷ ୫୦ହଜାର ଟଙ୍କା ମିଳିବ। ସେହିପରି ପୂର୍ବତନ ବିଧାୟକଙ୍କୁ ମାସିକ ପେନ୍‌ସନ୍ ୧ଲକ୍ଷ ୧୭ହଜାର ୫୦୦ଟଙ୍କା ମିଳିବ। ଆହୁରି ମଧ୍ୟ ଏକାଧିକ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ, ପ୍ରତି ବର୍ଷ ପାଇଁ ଅତିରିକ୍ତ ୩ହଜାର ଟଙ୍କର ମିଳିବ। ବିଧାୟକ ଥାଇ ମୃତ୍ୟୁ ଘଟିଲେ ୨୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟକ ମିଳିବ। ଏହି ବର୍ଦ୍ଧିତ ବେତନ ଓ ଭତ୍ତା ପାଇଁ ରାଜ୍ୟ ରାଜକୋଷ ଉପରେ ବାର୍ଷିକ ଅତିରିକ୍ତ ୫୦କୋଟି ଅତିରିକ୍ତ ବୋଝ ପଡିବ। ଆହୁରି ମଧ୍ୟ ପିଛିଲା ଭାବେ ଏହା ଲାଗୁ ହୋଇଥିବାରୁ ଆଉ ୬୧କୋଟି ଟଙ୍କା ଅତିରିକ୍ତ ବ୍ୟୟ ଭାର ରାଜକୋଷ ଉପରେ ପଡିବ। ଓଡିଶା ବିଧାୟକମାନଙ୍କୁ ମୋଟା ଦରମା ଦେଶରେ ସର୍ବାଧିକ। ଅର୍ଥାତ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବିଧାୟକମାନଙ୍କ ତୁଳନାରେ ଓଡିଶାର ବିଧାୟକମାନଙ୍କ ଦରମା ସବୁଠୁ ଅଧିକ ରହିଛି। ସତେ ଯେପରି ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ବିଧାୟକ, ମନ୍ତ୍ରୀଙ୍କ ପାଇଁ ଭଣ୍ଡାର ଖୋଲିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଉତରପ୍ରଦେଶର ବିଧାୟକମାନେ ଦେଶରେ ସବୁଠୁ ଅଧିକ ବେତନ ପାଉଥିଲେ। ଏବେ ଓଡିଶାର ବିଧାୟକମାନେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଉତରପ୍ରଦେଶର ବିଧାୟକମାନେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ମିଳିଥିବା ତଥ୍ୟ ଅନୁଯାୟୀ ତ୍ରିପୁରାର ବିଧାୟକ ମାସିକ ୫୦ହଜାର ଟଙ୍କା ବେତନ ପାଆନ୍ତି, ଯାହାକି ଦେଶରେ ସର୍ବନିମ୍ନ। ଉଲ୍ଲେଖଯୋଗ୍ୟ ଯେ, ବିଧାୟକ ହୁଅନ୍ତୁ ବା ସାଂସଦ ହୁଅନ୍ତୁ, ସେମାନେ ନିଜେ ନିଜର ବେତନ ସ୍ଥିର କରିଥାନ୍ତି। ଅର୍ଥାତ ବିଧାୟକଙ୍କ ବେତନ ବିଧାନସଭା ଓ ସାଂସଦଙ୍କ ବେତନ ପାର୍ଲିଆମେଂଟ ସ୍ଥିର କରିଥାଏ। ଜଣେ ସରକାରୀ କର୍ମଚାରୀ ଦୀର୍ଘ ୩୦ବର୍ଷ ଧରି କାର୍ଯ୍ୟ କରି ଅବସର ନେବା ପରେ ପେନ୍‌ସନ୍ ନେଇଥାଏ। କିନ୍ତୁ ଓଡିଶାର ବିଧାୟକ କେବଳଳ ନିର୍ବାଚିତ ହେବା ପର ଦିନଠାରୁ ପେନ୍‌ସନ୍ ପାଇବାକୁ ହକଦାର। ପେନ୍‌ସନ୍ ପାଇବା ନିମନ୍ତେ ଥିବା ଏକ ବର୍ଷ ଅବଧି ପୂରଣ ନିୟମକୁ ମଧ୍ୟ ଉଠାଇ ନିଆଯାଇଛି। ଜଣେ ସରକାରୀ କର୍ମଚାରୀ ଅବସର ପରେ କେବଳ ଗୋଟିଏ ପେନ୍‌ସନ୍ ପାଇଥାଏ। ମାତ୍ର ଜଣେ ବିଧାୟକ ଯଦି ପାର୍ଲିଆମେଂଟକୁ ନିର୍ବାଚିତ ହୋଇଥିଲେ, ସେ ବିଧାୟକ ଓ ସାଂସଦ ଭାବେ ଦୁଇଟି ପେନ୍‌ସନ୍ ପାଇବାକୁ ହକଦାର। ରାଜ୍ୟରେ ବିଧାୟକମାନଙ୍କ ବେତନ ଓ ଭତ୍ତା ଆଶାତୀତ ଭାବେ ବୃଦ୍ଧି ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାଇବା ସ୍ୱାଭାବିକ ମଧ୍ୟ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଜନକ ତଥା ଉତ୍କଳ ଗୌରବ ମଧୁସୂଦନ ଦାସ ଓଡିଶା ବିହାର ବିଧାନସଭାର ସଦସ୍ୟ ଥିବାବେଳେ ଲୋକପ୍ରତିନିଧିମାନେ ଜନସେବକ ଥିବ ଦର୍ଶାଇ ବେତନକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅଥଚ ସେହି ଓଡିଶାରେ ବିଧାୟକମାନେ ଉଚ୍ଚ ବେତନ ପାଇବାରେ ରେକର୍ଡ ସୃଷ୍ଟି କରିଛନ୍ତି। ବିଧାନସଭାରେ ବେତନ ଓ ଭତ୍ତା ବିଲ୍ ସର୍ବସମ୍ମତ କ୍ରମେ ଗୃହିତ ହେବା ସମୟରେ ବିଧାୟକମାନେ ଅତ୍ୟନ୍ତ ପ୍ରଫୁଲିତ ଥିବା ଦେଖିବାକୁ ମିଳିଥିଲା। କୌଣସି ଜଣେ ହେଲେ ବିଧାୟକ ବେତନ ବୃଦ୍ଧିକୁ ବିରୋଧ କରିନଥିଲେ। ତେବେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ନେବେ ନାହିଁ। ଏହାକୁ ଲୋକଙ୍କ ସ୍ୱାର୍ଥରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେହିପରି ବିଜେପି ବିଧାୟକ ଅଶ୍ୱନୀ ଷଡଙ୍ଗୀ ମଧ୍ୟ ବର୍ଦ୍ଧିତ ବେତନ ଲୋକଙ୍କ ପାଇଁ ବିନିଯୋଗ କରିବାକୁ ଘୋଷଣା କରିଛନ୍ତି। ବିଧାୟକ ଲକ୍ଷ୍ମଣ ମୁଣ୍ଡା ବେତନ ବୃଦ୍ଧିକୁ ବିରୋଧ କରିଛନ୍ତି, କିନ୍ତୁ ବିଧାନସଭା ଭିତରେ କିଛି କହିନଥିଲେ।। ଅତୀତରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ମାତ୍ର ଟଙ୍କାଟିଏ ବେତନ ନେଇ ଉଦାହରଣ ସୃଷ୍ଟି କରିଯାଇଛନ୍ତି। କିନ୍ତୁ ବର୍ତମାନର ବହୁ ବିଧାୟକ ବେତନ ବହୁତ କମ୍ ବୋଲି ଯୁକ୍ତି ଦର୍ଶାଇଛନ୍ତି। ବିଧାୟକଙ୍କ ବେତନ ବୃଦ୍ଧି ନେଇ ଓଡିଶା ଆଜି ଏକ ନମ୍ବର ସ୍ଥାନ ଅକ୍ତିଆର କରିଥିବାବେଳେ ବେତନ ବୃଦ୍ଧି ଉପରେ ରୋକ୍ ଲାଗି ମାମଲା ଏବେ ନ୍ୟାୟାଳୟରେ ପହଁଚିଛି। ମାତ୍ର ବିଧାୟକ କିମ୍ବା ସାଂସଦଙ୍କ ବେତନ ବୃଦ୍ଧି ନ୍ୟାୟାଳୟ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ। ଅତୀତରେ ସୁପ୍ରିମକୋର୍ଟରେ ଏ ନେଇ ବହୁ ମାମଲା ଦାୟର ହୋଇଥିବାବେଳେ ସର୍ବୋଚ୍ଚ ନ୍ୟାୟାଳୟ କେବଳ ନୈତିକତା ପ୍ରସଙ୍ଗ ଦର୍ଶାଇ ଖାରଜ କରି ଦେଇଥିଲେ। ନ୍ୟାୟାଳରେ ଏ ନେଇ କୌଣସି ପ୍ରଶ୍ନ କରାଯାଇ ପାରବି ନାହିଁ। ଅନ୍ୟପକ୍ଷରେ ବେତନ ବୃଦ୍ଧି ପାଇଁ ଅଙ୍ଗନୱାଡି, ଆଶା କର୍ମୀ ଠାରୁ ଆରମ୍ଭ କରି ଶିକ୍ଷକମାନେ ଦାବି କରି ଆନ୍ଦୋଳନ କରୁଥିବା ବେଳେ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାଁନ୍ତି। ସେହିପରି ସରକାର ଗଢିଲେ ରାଜ୍ୟର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କ ମାସିକ ଭତ୍ତା ୧୦୦୦ଟଙ୍କାରୁ ୩୦୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଜେପି ନିର୍ବାଚନ ପ୍ରତିଶ୍ରୁତି ଦେଇଥିବାବେଳେ ପ୍ରତିଶ୍ରୁତି ଭୁଲିଯାଇ ନିଜ ବେତନ ବଢାଇବା କେତେଦୂର ଯଥାର୍ଥ?

# ବାୟୁମଣ୍ଡଳରେ କି ଦୋଷ ହେଲା ?

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆକର୍ଷକ ଏକଗୀତ 'ଏତ କଳି କାଳ ରୀତି' ଗୀତଟି ଆଜି ବହୁବର୍ଷ ପରେ ଭାବନା ଆଣୁଛି, ସମୟ ଅଗ୍ରଗାମୀ ହେବା ପୂର୍ବରୁ ତାଙ୍କ ଚଲାପଥକୁ ସମୟ ରାଜାଙ୍କ ନୌକାର ହୁଏ ପରିଷ୍କାର କରି ଚାଲୁଛନ୍ତି, ପୂର୍ବେ ଜମିଦାର ରାଜା ମହାତ୍ମାମାନେ, କେଉଁ ଆଡ଼େଗଲେ ଏମିତି ଅଗ୍ରୀମ ଦେଲେ ପଥ ସଫା କରିରି ଯାଉଥିଲେ, ରାଜା ବିଜେକଲେ ଡାକୁଆ 'ଯା ଅଡ଼ିଆ ଛମୁ ଛାଡ଼' ଡାକି ଆଗେ ଆଗେ ଚାଲୁଥାନ୍ତି। ସବାରୀ ବାହକଙ୍କ 'ହୁମରା ବାହି' ଡାକଟି ବହୁଦୂରକୁ ଶୁଭେ। କୌଣସି ବୃହତ ବୃକ୍ଷ ଛେଦନ ବେଳେ ମହାବାତ୍ୟା ଉଗ୍ର ପବନରେ ବୃକ୍ଷଟି ଧରାଶାୟୀ ପୂର୍ବରୁ ଏକ ବିକଟ ଡାକ ଦିଏ, ଶରାଘାତ, ବନ୍ଧୁକ ଗୁଳି ଘାତ ପକ୍ଷୀ ବା ପଶୁ ଜୀବନ ଛାଡ଼ିଲା ବେଳେ ଆର୍ତ୍ତନାଦ କରିଥାନ୍ତି। ନିରୀହଙ୍କୁ ଦଣ୍ଡ କଷ୍ଟ ଦିଆଗଲା ବେଳେ ସେ ବିକଳ କାନ୍ଦଣା କରନ୍ତି।

ଏହି ସବୁ ନଜିର ପରି କଳିଯୁଗ ପଧାରୁଛନ୍ତି, ଏପରି ଆଗୁଆ ରଙ୍ଗ ଲାଗି କ୍ରମ ଆଗଉଛି, ଏକ ବ୍ରହ୍ମା ସୃଷ୍ଟି 'ଚାରି କାଳ'ରୂପୀ ସନ୍ତାନ, ସାନପିଲା କୋଡ଼ ପୋଛା ସନ୍ତାନ ଭାରୀ ଗେହ୍ଲା ନିଶ୍ଚୟ, ସେ ଏଇ କଳିଯୁଗ, ତାଙ୍କର ପ୍ରବେଶକୁ ମର୍ତ୍ତ୍ୟର ରାଜା ପଣ୍ଡବ ଦାୟାଦ 'ପରୀକ୍ଷିତ ସେ କେମିତି, ସେ ମାତୃ ଗର୍ଭରେ ଥିବାବେଳେ, ପ୍ରତିବେଳରେ ଗର୍ଭପାତ, ଗର୍ଭନଷ୍ଟ ଭୟ, ପାଣ୍ଡବଙ୍କ ଗୁରୁଦ୍ରୋଣ ତାଙ୍କୁ ଯୁଦ୍ଧରେ ତାଙ୍କ ପ୍ରିୟ ଶିଷ୍ୟ ଅର୍ଜୁନ ନିପାତ କରଛନ୍ତି ଯୁଧିଷ୍ଠିର ସତ୍ୟସନ୍ଧ ମାତ୍ର ଦ୍ୱି ଅର୍ଥ ଭାବର ଶବ୍ଦ ପ୍ରୟୋଗ କରାଇ ହାତୀ ମନୁଷ୍ୟ ନାମ ସାମ୍ୟକୁ ଯୁଦ୍ଧ କୌଶଳରେ ପ୍ରୟୋଗ କରି କାହାର ସମ୍ପୂର୍ଣ୍ଣ ଭବିଷ୍ୟତ ଉତ୍ତରାଧିକାର, ପୁତ୍ର ନାଶ, ବଂଶକ୍ଷୟ ହେବା ଶୁଣିବାକୁ ପାଇଲେ ତାର ବଞ୍ଚିବା ବୃଥା ଭାବି ମୋହ ଗ୍ରସ୍ତରୁ ସମ୍ବିତ ନଷ୍ଟ ହୋଇଗଲା। ଏଇଥରୁ ଛିଦ୍ର ନେଇକି ତାଙ୍କୁ ଜୀବନରୁ ଶେଷ ହେବାକୁ ହୋଇଛି। ମୃତ୍ୟୁ ଘଣ୍ଟିର ସଙ୍କେତ ଏମିତି କେତେ ପ୍ରକାରରେ ବ୍ୟକତିଗତ ଜୀବନରେ ଆସୁଥିଲାବେଳେ ବହୁ ସାମୁହିକ ଜୀବନ ପାଇଁ ମୃତ୍ୟୁଘଣ୍ଟି ବାଜିଥାଏ, ଶବ୍ଦ ଶୁଣିବା ଅନୁଭବ ଭିନ୍ନ ମନା, ବିଷୟ ଅନ୍ୟରେ ମଜଗୁଲ ଥିଲେ ତାଣ୍ଡବ ଛାଡ଼େ ନାହିଁ। କେହି ବି ଅଧିକ ସୁଖ ଆଶାକରି ଅନ୍ୟାୟ ପଥରେ ଆୟ ଆଶା କରିବାକୁ ବା ଅୟସ, ମାନସ କରନ୍ତି, 'ବିଷୟ'ର ଆଦ୍ୟ ଦୁଇ ଅକ୍ଷର ବିଷ ପ୍ରଥମରୁ ଧିର ଶୋଷକ, ଘାତକ ହୋଇ ଶେଷରେ ମହାଘାତକ ହୋଇଯାଏ। ଦେଖ କେତେ ଲାଞ୍ଚ, ରିସିପତ୍, ଘୁଷ୍ ଖୋର, ବ୍ୟକ୍ତି କେତେ ଅୟସ କେତେ ଥାଟରେ ବହୁ ଦରମା ଟଙ୍କା, ଗସ୍ତ ଖର୍ଚ୍ଚା ପାଉଥିଲେ ଚାକିରୀ ପରେ ପେନସନ ଉପଭୋକ୍ତା ହକ, ଗଣ୍ଡା ଗଣ୍ଡା ବୋଲକରା, ଏସବୁ କେବେ ଧରା ପଡ଼ିଗଲେ ଦରିଦ୍ରର ଚରମସୀମାରେ ଘର କୋଣରେ କାନ୍ଦାଏ, ପସ୍ତେଇ ପସ୍ତେଇ ଅକାଳ ମୃତ୍ୟୁ ଦେଇପାରେ। ମିଠା, ବିଷ, ଡାଇବେଟିସ କରୁଛି, ହେଲେ ଲାକ୍ଷ ଲାକ୍ଷ ଗୁଡ଼ିଆ ଦୋକାନ, ମିଠା ଉପହାର ସାମଗ୍ରୀ, ଅନଳରେ ପତଙ୍ଗ ପଡୁଛନ୍ତି, ଜଳି ଶେଷ ହେଉଛନ୍ତି ହେଲେ ସେହି ଜୀବନ୍ତ ପତଙ୍ଗମାନେ ପୁଣି ସବୁ ଦେଖି ବି ସେହି ଅନଳରେ କାଳଗତିରେ ପୁନଃ ପୁନଃ ଝାସ ଦେଉଛନ୍ତି।

ସବୁ ଶବ୍ଦ ପ୍ରତ୍ୟେକ ଜୀବଙ୍କ ମୁଖରୁ ବାହାରି ଯାଇ ବାୟୁ ମାର୍ଫତ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ କ୍ରିୟାଶୀଳ କରାଇବା ସହ ଶୂନ୍ୟରେ ତାହା ଅଦୃଶ୍ୟ ରେକର୍ଡ଼ର ରହିଯାଏ, ଯଦି ଏହା ଶୁଭଦ ସାତ୍ତ୍ୱିକ, ଈଶ୍ୱରାର୍ପିତ, ତେବେ ଏ ଶବ୍ଦ ଲୋକଟି ଯୁଆଡ଼େ ଯିବ ତାକୁ ଘେରି ସେହି ଶବ୍ଦ ତାଙ୍କୁ ରକ୍ଷା କରୁଥିବ ଯଦି ତାମସିକ ଶବ୍ଦ ତେବେ ଯୁଆଡ଼େ ଯିବ ସର୍ବତ୍ରଝିନ ଝନ ମନକୁ ମନ ସୃଷ୍ଟି ହୋଇଥାଏ। ସେପରି ପରିସ୍ଥିତି ହୋଇଯାଏ, ଈଶ୍ୱର ଉଦ୍ଦିଷ୍ଟ ଚିନ୍ତାଧାରା, ଧର୍ମବଳ ଅର୍ଜିତ, ବିହିତ ଲୋକାଚାର, ସାମ୍ବିଧାନିକ ଆଚରଣ ଆଦି ମାନୁଥିବା ବ୍ୟକ୍ତିଙ୍କୁ ତାଙ୍କ ବାଣୀ ବ୍ୟବହାର ସଦା ରକ୍ଷା କରିଥାଏ। ଏପରି ବହୁ ବ୍ୟକ୍ତିଙ୍କ ପାଇ ସଂସାରପାଳନକାରୀ ଅଦୃଶ୍ୟ ବିଷ୍ଣୁଙ୍କ ଚକ୍ର ସୁଦର୍ଶନ ଜଗି ରଖି ରହିଥାନ୍ତି। ଆବଶ୍ୟକରେ ପ୍ରଭୁ ଅବତାର ହୁଅନ୍ତି। ତାଙ୍କ ଅଦୃଶ୍ୟ ଇଙ୍ଗିତରେ ପ୍ରଶାସନ ମାନଙ୍କର ସମ୍ବିଧାନ ବଦଳୁଛି, କେବଳ ଅବହେଳିତ, ଦଳିତଙ୍କୁ ରକ୍ଷା ଠାକୁରଙ୍କ ଉଦ୍ଦେଶ୍ୟରେ। ଯଦି ରାକ୍ଷସ ପ୍ରଶାସନ ହୋଇ କାନୁନ ଓଲଟ ବା ମୁଷ୍ଟିମେୟଙ୍କ ପାଇଁ କରିଦ୍ୱେବେ ତେବେ ବିଷ୍ଣୁ ଚକ୍ର ସୁଦର୍ଶନ ତାଙ୍କୁ ଛାଡ଼ିବନାହିଁ କାଟିବ ହିଁ କାଟିବ। ଏବେ ବ୍ୟକ୍ତି ପ୍ରଶାସନ ନୁହେଁ, ଦଳ ପ୍ରଶାସନ, ଦଳକୁ ଚକ୍ର ରକ୍ଷା କରେ ସମୁହ ସ୍ୱାର୍ଥ ସହାୟକ ଥିବା ପର୍ଯ୍ୟନ୍ତ, ଚାଲିଲେ ନିଜେ ଚକ୍ରରେ ଛିନ୍ନ ଭିନ୍ନ ହୋଇଯିବେ। ଶାଶ୍ୱତ ମାର୍ଗରୁ କେହି ବି ଟଳନ୍ତୁ ନାହିଁ, ପରିବେଶ ସହ ବାୟୁ ମଣ୍ଡଳ ଜଡ଼ିତ, ଆଜି ସବୁ ନଦୀ ଜଳ ଦୂଷିତ ସବୁ ସ୍ଥାନରୁ ଗଛ କଟାଯାଉଥିବାବେଳେ ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳ ବିଷାକ୍ତ କରୁଛି। କପଟ, ମିଥ୍ୟା କଥାରେ ଲୋକଚରିତ୍ର, ସାଧୁ ସନ୍ନ୍ୟାସୀ ଭେକରେ ବହୁ ଭଣ୍ଡ ଆଶ୍ୱାସନା।

ବନଶୀ କଣ୍ଟା ଥୋପରେ ଅନେକ ନିରୀହ ଖାଲେଇକୁ ଚାଲିଯାଉଛନ୍ତି, ଏହା ଧାନ ମୋହ, ଦ୍ରବ୍ୟ, ଲାଳସା, କପଟ ଆଚରଣ ବେଳକୁ ବେଳ ଲୋକରେ ବଢ଼ି ଚାଲିବାରୁ ବାୟୁମଣ୍ଡଳ ପ୍ରବଳ ଦୂଷିତ ହୋଇଯାଉଛି। ଦେଖ କୁହାଯାଉଛି ଭାରତ ଭୂଖଣ୍ଡ ଏବେ ବହୁ ବିକଶିତ, 'ଗହଣା ପିନ୍ଧିଲେ ଘୋଡ଼ାଇ ଚାଲ' ନିତି ବର୍ଜନ କରାଯାଇ ସର୍ବତ୍ର ବିଜ୍ଞାପନ, ଦେଶରେ ବିଦେଶୀଙ୍କ ମାଲ ମାଲ ଗୁପ୍ତଚର, ବାୟୁ କୋଣର ପାକିସ୍ତାନ, ଭାରତ ସାରା ଅବିଶ୍ୱାସର ବାତାବରଣ ସୃଷ୍ଟି କରିସାରିଲାଣି। ବାୟୁ କୋଣକୁ ସଦା ସାବଧାନ, ନିଶ୍ୱାସକୁ ବିଶ୍ୱାସ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସମୃଦ୍ଧ, ବିକଶିତ ଭାରତ ଗଠନପାଇଁ ଆତଙ୍କ ନିପାତ ଜରୁରୀ

### ସୁଧାଂଶୁ ପାତ୍ର

ଆତଙ୍କବାଦ ଭାରତ ଭାଇ ଏକ ବଡ଼ ସମସ୍ୟା, ଚିନ୍ତାଜନକ ମଧ୍ୟ । ସମସ୍ୟାର ସଫଳ ମୁକାବିଲା ସହ ସମାଧାନ କରିବା ପ୍ରତ୍ୟେକ ସରକାରଙ୍କ ମୂଳ ଉଦ୍ଦେଶ୍ୟ ତଥା ପଦକ୍ଷେପ ହେବା କଥା । ଆତଙ୍କବାଦ ପରି ହୃଦୟସ୍ପର୍ଶୀ ସମସ୍ୟାକୁ ଅଗ୍ରାଧିକାର ଦେଇ ଏହାର ଯୁଦ୍ଧ କାଳିନ ସ୍ଥିତିରେ ପଦକ୍ଷେପ ନେବ ଓ ସମାଧାନ କରିବା ପାଇଁ ପ୍ରତ୍ୟେକ ସରକାର ପ୍ରାଥମିକତା ଦେବା ଉଚିତ୍ । କାରଣ ଏଥିରେ ସରକାର ଭଲ ଜନସମର୍ଥନ ହାସଲ କରିବେ । ମାତ୍ର ଯାହା ପରିଲକ୍ଷିତ ହେଉଛି କେନ୍ଦ୍ରର ଏନ.ଡ଼ି.ଏ ସରକାର ଓ ଏହାର ସହଯୋଗୀ ଦଳ ଏହି ପ୍ରସଙ୍ଗ ଠାରୁ ବହୁ ଦୂରରେ । ଆତଙ୍କବାଦ ଦମନ ଓ ମୂଳପ୍ରାଟନ ପଦକ୍ଷେପ ତଥା କାର୍ଯ୍ୟରେ ସରକାରଙ୍କ ଟାଳଟୁଳ ନୀତି ତଥା ଅହେତୁକ ବିଳମ୍ବ ହିଁ ଆତଙ୍କି କୁ ଅଧିକ ଉତ୍ସାହିତ କରୁଥିବା ପରିଲକ୍ଷିତ ହେଉଛି ଯାହାର ସଦ୍ୟତମ ଉଦାହରଣ ଆମେ ନେଇପାରିବା, ଗତ ସେପ୍ଟେମ୍ବର ୧୦ ତାରିଖରେ କାର୍ ବିସ୍ଫୋରଣ ଯାହାର ଉଦ୍ଦେଶ୍ୟ ଥିଲା, ଭାରତର ଅନ୍ତର୍ରାଷ୍ଟ୍ରୀୟ ପ୍ରତିଷ୍ଠା ଓ ଅର୍ଥ ବ୍ୟବସ୍ଥା ଉପରେ କୁ ପ୍ରଭାବ ପକାଇବା ।

ପାକିସ୍ଥାନୀ ଶାସକ ଓ ସାମରିକ ପ୍ରଶାସକ ଏବେ ବି ଭାରତ ବିରେଧ ଏଜେଣ୍ଡା, ଗତିବିଧି ଜାରି ରଖିଛନ୍ତି । ଏକ ସମୟ ଓ ସାମାନ୍ୟ ସୁଯୋଗ ପାଇଲେ ଟାରଗେଟ୍‌ରେ ସକ୍ଷମ ହେଉଛନ୍ତି । ମାତ୍ର ସବୁଠାରୁ ମାରାତ୍ମକ ହେଉଛନ୍ତି, ଏହି ଆତଙ୍କବାଦୀଙ୍କୁ ସମର୍ଥନ ଓ ସହୟତା କରୁଥିବା କିଛି ଭାରତୀୟ ମୁସଲିମ୍ ଗୋଷ୍ଠୀ । ଉଦାହରଣ ହେଲେ ଡାକ୍ତର ଗନି ଓ ଅନ୍ୟ ୭ ଜଣ କାଶ୍ମୀର ନାଗରିକ । ସେହିପରି ଡାକ୍ତର ସାହିନ୍‌ଙ୍କର ଲକ୍ଷ୍ନୌ ସହ ସମ୍ପର୍କ ଅଛି । ଏହା ବି ପ୍ରମାଣିତ ହୋଇ ସାରିଛି, ଗନି ଜୈସେ-ଏ ଅହମଦ ଆତଙ୍କି ସଂଗଠନ ପାଇଁ କାର୍ଯ୍ୟ କରୁଛି କାଶ୍ମୀରରେ ଜୈସେର ପୋଷ୍ଟର ଲାଗଇବା ପରିଦେଶ-ଦ୍ରୋହ କାର୍ଯ୍ୟ କରି ଆସିଛି ଗନି । ଆଜାଦ ସୁଲେମାନ ଶେଖ୍ ଏବଂ ମହମ୍ମଦ ସୋହେଲ ଉତ୍ତର ପ୍ରଦେଶ ବାସିନ୍ଦା । ସେମାନେ ରାଜସ୍ଥାନରୁ ଅସ୍ତ୍ରଶସ୍ତ୍ର ଆଣିବା ଏବଂ ଆତଙ୍କବାଦୀ କାର୍ଯ୍ୟ କଳାପରେ ବିନିଯୋଗ କରିବାର ପ୍ରାମଣ ରହିଛି । ଏମାନଙ୍କୁ ପାକିସ୍ଥାନ ପକ୍ଷରୁ ଡ୍ରୋନ ଯୋଗେ ଅସ୍ତ୍ରଶସ୍ତ୍ର ପ୍ରେରଣା କରାଯିବା ଦ୍ୱାରା ସୁରକ୍ଷା କର୍ମୀଙ୍କୁ ଅନ୍ଧାରରେ ରାଖାଯାଇ ପାରିବ । ଅବଶ୍ୟ ଏହାକୁ ସୁରକ୍ଷାକର୍ମୀ ପଣ୍ଡ କରିବାରେ ସକ୍ଷମ ହୋଇଛନ୍ତି । ମାତ୍ର ଏହି ଗତିବିଧି ଯଦି ତିବ୍ରତର ହୁଏ ତେବେ, ପରିସ୍ଥିତି ତଥା ପରିମାଣ ଅସମ୍ଭାଳ ହେବାର ସୂଚନା ମଧ୍ୟ ମିଳୁଛି । ତେଣୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା, ଦାୟୀତ୍ୱ ସୀମା ସୁରକ୍ଷା ଅଫିସର ଓ ସୁରକ୍ଷା କର୍ମୀଙ୍କର। କାରଣ ଆତଙ୍କି କାର୍ଯ୍ୟର ଶତ୍ରୁ ଯେତିକି ମାତ୍ରାରେ ଦିନକୁ ଦିନ ନିଜର ଶକ୍ତି ତଥା ସକ୍ରୀୟତା ବୃଦ୍ଧି କରି ଚାଲିଛନ୍ତି ଭାରତରେ ତାଣ୍ଡବଲୀଳା କରିବାରେ ସେତିକି ସକ୍ଷମ ହେଉଛନ୍ତି । ତାକୁ ନଜର କଲେ ଶତ୍ରୁଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ରେ ସାମାନ୍ୟତମ ଖିଲାଫ ଭାରତ ପାଇଁ ବହୁତ ମହଙ୍ଗା ପଡ଼ିବ ଓ ବହୁ ମୂଲ୍ୟ ଦେବାକୁ ପଡ଼ିବ ।

ଆତଙ୍କବାଦୀ କାର୍ଯ୍ୟ, ଆତଙ୍କବାଦୀଙ୍କ ସ୍ଥିତି ସେମାନଙ୍କର ଭବିଷ୍ୟତ ଟାରଗେଟର ସୂଚନା ପାଇବା କ୍ଷେତ୍ରରେ ଅନ୍ୟ ଏକ ପ୍ରମୁଖ ଭୂମିକା ହେଉଛି ଗୁଇନ୍ଦା ସଂସ୍ଥା ତଥା ଇଣ୍ଟେଲଜେନ୍ସର ଏ ପର୍ଯ୍ୟନ୍ତ ଯେତେ ଆତଙ୍କି ଘଟଣା ଘଟି ଆସିଛି ସେଥିରେ ଇଣ୍ଟେଲିଜେନ୍ସ ଫେଲ୍ ମାରିଥିବା ପ୍ରାୟ ପରିଲକ୍ଷିତ ହୋଇଛି । ଦିଲ୍ଲୀ କାର ବୋମା ହେଉ ବା କାଶ୍ମୀରର ପାହଲ ଗାଁରେ ୨୧ଜଣ ନରସଂହାର ହେଉ ସେଥିରେ ଗୁଇନ୍ଦା ବିଭାଗର ସେତିକି ପ୍ରାରମ୍ଭିକତା ସୂଚନା ନଥିଲା । ଯାହାକି ଆତଙ୍କଙ୍କ ପାଇଁ ସୁଯୋଗ ସୃଷ୍ଟି କଲା ଏବଂ ଆତଙ୍କି କାର୍ଯ୍ୟରେ ସଫଳତା ହାସଲ କରିପାରିଲେ ପାକିସ୍ଥାନୀ ଆତଙ୍କି । ଅବଶ୍ୟ ଏହା ଉପରେ ଭାରତୀୟ ଗୁଇନ୍ଦା ଏଜେନ୍ସି ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣି ଲାଗିଛି । ଯାହାକି ପ୍ରମାଣିତ କରୁଛି ତୁର୍କୀର ପାକିସ୍ଥାନୀ ସମ୍ପର୍କ । ଷଡ଼ଯନ୍ତ୍ର ତୁର୍କୀରେ ହୋଇଥିଲା ଯାହାର ବ୍ଲୁ ପ୍ରିଣ୍ଟହୋଇଥିଲା ତୁର୍କୀରେ ବୋଲି । କିନ୍ତୁ ଏହାକୁ 'ପୋଷ୍ଟମୋର୍ଟମ କାମ' ବୋଲି କୁହାଯାଇ ପାରେ । କାରଣ ଏହି ତଥ୍ୟ ବା ସୂଚନା ଯଦି ଆଗରୁ ହାସଲ ହୋଇପାରି ଥାଆନ୍ତା ତେବେ ୧୨ଜଣଙ୍କ ଜୀବନ ରକ୍ଷା କରିପାରି ଥାଆନ୍ତା ଏଜେନ୍ସି ।

ଛୋଟଛୋଟ ଦେଶ ମଧ୍ୟରେ କାତାର ଏକ ଅନ୍ୟତମ ଛୋଟ ଦେଶ ମାତ୍ର ବହୁ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଂଗଠନମାନଙ୍କର ଏହା ଶରଣାସ୍ଥଳୀ । ଆମେରିକା 'ଫାଉଣ୍ଡେସନ ଫରଜିଫେନ୍ସ ଅଫ ଡେମୋକ୍ରେସିଜ୍' ତରଫରୁ ୨୦୧୭ ରେ ପ୍ରାପ୍ତ ଏକ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀଙ୍କୁ ପ୍ରଚୁର ଆର୍ଥିକ ସହାୟତା କରୁଛି କତାର । ଆତଙ୍କବାଦୀ ସଂଗଠନ ଅଲକାଏଦାକୁ କୋଟି କୋଟି ଡଲାର ପ୍ରଦାନ କରୁଥିବା ଅବଦୁଲ ରହମାନ ଅଲୁନୁଆମା, କାତାରର ନାଗରିକ ଏପରିକି ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିଦ୍, ସେଖ ମହମ୍ମଦକୁ ମଧ୍ୟ କାତାର ମାଧ୍ୟମରେ କୋଟିକୋଟି ଡଲାର ମିଳୁଥିବା ରିପୋର୍ଟ ରହିଛି । ଏପରିକି ତାଲିବାନ କତାରର ବିଚାର ଧାର ଏକ ବୋଲି କତାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା କମିଟି ସ୍ପଷ୍ଟ କରିସାରିଛି । କତାର ପକ୍ଷରୁ ଇରାନକୁ ମିଜାଇଲ୍‌ସ ଯୋଗାଇଥିବା ଅଭିଯୋଗ ଆଣି ୨୦୧୭ରେ ସାଉଦିଆରବ ସଂଯୁକ୍ତ ଆରବରାଷ୍ଟ୍ର, ବହରିନ୍ କତାର ସହ ସମ୍ପର୍କ କାଟିଥିବା ସୂଚନା ଅଛି । ଏବେ ନୂଆ ସମ୍ପର୍କ ତୁର୍କୀ ସହ ଯୋଡ଼ି ନୂଆ ଆତଙ୍କି ପ୍ଲାନ କରୁଛି ପାକିସ୍ଥାନ। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଡାକ୍ତର ଦିଲ୍ଲୀ କାର ବିସ୍ଫୋରଣରେ ଯୋଜନା, ତୁର୍କୀରେ ବସି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ତଥ୍ୟ ମଧ୍ୟ ଗୁଇନ୍ଦା ବିଭାଗ ହାତରେ ଲାଗିସାରିଛି । ଜର୍ମାନୀ ଓ ତୁର୍କୀ ଠାରୁ ମିଳୁଥିବା ଅର୍ଥରେ ପଞ୍ଜାବ ଓ ୟୁପିରେ ମଦାରସା ଓ ମସ୍‌ଜିଦ୍ ପାଇଁ ଜମି କିଣାଚାଲିଛି ବୋଲି ମଧ୍ୟ ରିପୋର୍ଟ ଅଛି । ତୁର୍କୀ ସମର୍ଥନର ଆଶା ସବୁବେଳେ ରଖିଛି ପାକିସ୍ଥାନ ।

ଆମେରିକାର ଏକ ବଡ଼ ପଶ୍ଚିମ ଏସିଆଡ଼ ସୈନ୍ୟ ଅଡ୍ଡା କତାରରେ ରହିଛି । ଏହାର ରାଜଧାନୀରେ ବସି ଇହୁଦିମାନଙ୍କ ହତ୍ୟା କରିବା ଯୋଜନା ହମସାର ଆତଙ୍କବାଦୀମାନେ କରୁଥିବା ଅଭିଯୋଗ ହେଉଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ହିନ୍ଦୁ ଦେବୀମାନଙ୍କର ନଗ୍ନ ଓ ଅଶ୍ଲୀଳ ଚିତ୍ର ବନାଉଥିବା ଏମ୍.ଏଫ, ହୁସେନକୁ କତାର କେବଳ ଶରଣ ଦେଇନି, ଏକ ବଡ଼ ବଙ୍ଗଳା ମଧ୍ୟ ଉପହାର ଦେଇଛି । ନୂପୁର ଶର୍ମା ମାମଲାକୁ ନେଇ କତାର ଭାରତରେ ସାମ୍ପ୍ରଦାୟୀକତା ଭାବ ସୃଷ୍ଟି କରିବା ଭୂମିକା ମଧ୍ୟ ନେଇଛି । ଦିଲ୍ଲୀରେ ଏକ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଖଲିସ୍ଥାନୀ ଓ ଇସଲାମବାଦ ଆତଙ୍କବାଦୀକୁ କତାର ପକ୍ଷରୁ ପ୍ରଚୁର ଅର୍ଥ ପ୍ରଦାନ କରାଯାଇଥିବା ମଧ୍ୟ ସ୍ପଷ୍ଟ ହୋଇଛି । ତେଣୁ ଆମେରିକାର ଦୋହରା ନୀତି ବି କତାରର ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧିପାଇଁ ଦାୟୀ । କତାରର ଆତଙ୍କବାଦୀ ଯୋଜନା ଓ ଅର୍ଥ ଶ୍ରଦ୍ଧାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରିବାର ଆବଶ୍ୟକତା ରହିଛି । କାହକୁ କେତେ ଜଗିବ ଭାରତ । ସେଥିପାଇଁ ଗୁଇନ୍ଦା ସଂସ୍ଥାର ନଜର ଆହୁରି ତ୍ରୀବ୍ର କରିବାକୁ ପଡ଼ିବ ।

ଅନ୍ୟ ପକ୍ଷରେ ଆତଙ୍କବାଦ ଦମନ ଏବଂ ଆତଙ୍କବାଦୀଙ୍କ ସୀମା ପ୍ରବେଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ତେଣୁ ରାଜନୈତିକ କ୍ଷେତ୍ରରେ ମଧ୍ୟ ଏହାର ବହୁତ ପ୍ରଭାବ ରହିଛି। ଏଇ ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ମୋଦି ସରକାର କାର୍ଯ୍ୟ କରିବା ସହ ବିଶ୍ୱ ଶାନ୍ତି କ୍ଷେତ୍ରରେ ଆତଙ୍କବାଦର ମୂଳପ୍ରାଟନ ପାଇଁ ମୋଦି ସରକାର ପ୍ରାଧାନ୍ୟ ଦେଲେ ଭଲ ଜନସମର୍ଥନ ହାସଲ କରିବେ ଓ ଭାରତୀୟ ଅର୍ଥବ୍ୟବସ୍ଥା ସୁଦୃଢ଼ ସହ ଅନ୍ତାରାଷ୍ଟ୍ରୀୟ ମର୍ଯ୍ୟାଦା ବଜାଏ ରହିବ ଓ ବିକଶିତ ଭାରତ ଗଠନ ଆହୁରି ସୁଦୃଢ଼ ହେବ ।

# ସଂଘନୀତି

### ଶ୍ରୀ ସଚ୍ଚିଦାନନ୍ଦ ନନ୍ଦ

ନିରାମୀଶାସି ଶକ୍ତି ପୂଜା ଓ ଆମିଶାସି ଶକ୍ତିପୂଜା ଭଳି ଦୁଇ ଦୁଇଭାଗ ହେଲେ। ଯାହା ଏ ପର୍ଯ୍ୟନ୍ତ ମଧ୍ୟ ବିଦ୍ୟମାନ।

ଆଦି ଶଙ୍କରାଚାର୍ଯ୍ୟ ତାଙ୍କ ଅଦ୍ୱୈତ ଦର୍ଶନ ବଳରେ ଏହାର ସମାଧାନ କରିଦେଲେ ପ୍ରାୟ ସମସ୍ତ ସମ୍ପ୍ରଦାୟ ଶଙ୍କରଙ୍କୁ ମାନିଲେ। କିନ୍ତୁ ଏହାର ଶହ ଶହ ବର୍ଷପରେ ବିଶିଷ୍ଟାଦୈତ ମତ ଉତ୍ତାପନ କଲେ ଶ୍ରୀରାମାନୁଜଚର୍ଯ୍ୟ। ଏହାର ସପକ୍ଷବାଦୀମାନେ ଅଦୈତ ଦର୍ଶନକୁ ବିରୋଧ କଲେ। ନୂତନ ସମ୍ପ୍ରଦାୟ ସୃଷ୍ଟି ହେଲା। ମାଧବାଚାର୍ଯ୍ୟଙ୍କ ଦ୍ୱୈତବାଦ ନୂତନ ଦର୍ଶନ ସୃଷ୍ଟିକଲା। ଏହା ସହ ଆଉ ଏକ ନୂତନ ସମ୍ପ୍ରଦାୟ ସୃଷ୍ଟି ହେଲା। ଯଦିଓ ସବୁ ସମ୍ପ୍ରଦାୟର ଲକ୍ଷ ଏକ ତାହା ସମସ୍ତେ ବୁଝିଲେ ନାହିଁ। ନିଜ ନିଜ ବିଦ୍ୟାଳୟକୁ ଏକ ଏକ ସମ୍ପ୍ରଦାୟ ନାମ ଦେଇ ନୂଆ ପ୍ରକାର ବିଭ୍ରାଟ ସୃଷ୍ଟି ହେଲା। ଏଥିରେ ସମାଧାନ ଓ ସମନ୍ୱୟ ଆଣିବା ପାଇଁ ବହୁ ମହାମନୀଷିମାନେ ବହୁ ଉପାୟ ଅବଲମ୍ବନ କଲେ। ଶ୍ରୀରାମକୃଷ୍ଣ ପରମହଂସ ଏଥିରେ କୃତକାର୍ଯ୍ୟ ହୋଇଥିଲେ। ତାଙ୍କ ପରେ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନ ଜରିଆରେ ସେବାକର୍ମ କରି ଶ୍ରୀରାମକୃଷ୍ଣଙ୍କ ଆଦର୍ଶକୁ କର୍ମରେ ସମ୍ପାଦନ କରି ଦେଖାଇଦେଲେ। ଏହା ଫଳିତ ବେଦାନ୍ତ ନାମ ବହନ କଲା। ପୃଥିବୀର ମହା ମହା ପ୍ରବକ୍ତାମାନେ ଏହା ସପକ୍ଷରେ ମତ ଦେଲେ। କିନ୍ତୁ ସମାଜରେ ସାଧାରଣ ଲୋକଙ୍କ ଚେତନାରେ ପୂର୍ବ ସଂକୀର୍ଣ୍ଣତା ରହିଗଲା। ଶ୍ରୀସତ୍ୟସାଇ ଭଗବାନ ଆସି ଏହାର ଏକ ନୂତନ ସଂଜ୍ଞା ଓ ସମନ୍ୱୟର ବାଣୀ ଉପସ୍ଥାପନ କଲେ। ସେ କହିଲେ ଦୈବପ୍ରୀତି ଅର୍ଥାତ୍ ସମସ୍ତଙ୍କ ଭିତରେ ଥିବା ଭଗବାନଙ୍କ ପ୍ରତି ଭଲ ପାଇବା (ପ୍ରେମ) ରହୁ। ସମସ୍ତେ ପାପକର୍ମକୁ ଭୟ କରନ୍ତୁ (ପାପଭୀତି) ଆହୁରି ପରିଷ୍କାର କରି ବୁଝାଇ ଦେଲେ, ଅନ୍ୟକୁ ପୀଡ଼ା ଦେବା ହିଁ ପାପ। ତେଣୁ ସମସ୍ତେ ପାପକୁ ଭୟ କରନ୍ତୁ କାରଣ ଏହାର ପରିଣତି ଭୟଙ୍କର। ଏହି ଦୁଇଟି ନୀତି ଯଦି ଦୈନନ୍ଦିନ ଜୀବନରେ ପାଳନ ହୋଇପାରିଲା ତେବେ ତାହା ହେବ ସଂଘନୀତି ବା ସାମାଜିକ ନୀତି। ମଣିଷ ସମାଜରେ ରହିବ, ସମାଜର ମଙ୍ଗଳ ହେଉଥିବା ନୀତି ହିଁ ସମାଜ ଦ୍ୱାରା ଗ୍ରହଣୀୟ ହେବ, ତାହା ହେଉଛି ସମାଜର ସେବା। ସମାଜରେ ସମସ୍ତେ ଭଗବାନଙ୍କୁ ଭଲ ପାଆନ୍ତୁ କହିଲେ, କାହାରି କିଛି ଅସୁବିଧା ନାହିଁ, ହେବାର ମଧ୍ୟ ନାହିଁ। କେହି କାହାରିକୁ କଷ୍ଟ, ଆଘାତ ବା ପୀଡ଼ା ନ ଦିଅନ୍ତୁ ଏବଂ ଏହାଫଳରେ କଷ୍ଟ ନ ପାଆନ୍ତୁ। ପ୍ରକୃତରେ ଶାନ୍ତି ଓ ସହାବସ୍ଥାନର ସୂତ୍ର ଏହି ଦୁଇଟିରେ ଅଛି। ତାହା ହିଁ ପ୍ରକୃତ ସଂଘ ନୀତି ହେବାଯୋଗ୍ୟ। ପରିଶେଷରେ ସେ କହନ୍ତି ପ୍ରେମଭାବ ହିଁ ଏକମାତ୍ର ଅନୁସରଣୀୟ ନୀତି। ପ୍ରତ୍ୟେକ ପ୍ରତ୍ୟେକଙ୍କର ଆରାଧ୍ୟ ଦେବତାଙ୍କୁ ଭଲ ପାଇବା ହିଁ ଦୈବପ୍ରୀତି। ନିଜକୁ ତଥା ନିଜ ଭବିଷ୍ୟତକୁ ଭଲ ପାଇବା ହିଁ ପାପଭୀତି। ସମାଜକୁ ଭଲ ପାଇବା ହିଁ ସଂଘନୀତି। ସମାଜ ହିଁ ଏକ ବିରାଟ ସଂଘ। ସମାଜକୁ ଭଲ ପାଇଲେ ତାହାର କୌଣସି କ୍ଷତି କରିବା କାହାଦ୍ୱାରା ସମ୍ଭବ ହେବନାହିଁ। ସବୁକୁ ଭଲ ପାଇବା, ସମସ୍ତଙ୍କୁ ଭଲ ପାଇବା ଅଭ୍ୟାସ କଲେ ସମାଜରୁ ଅଶାନ୍ତି, ଅନ୍ୟାୟ, ସ୍ୱାର୍ଥପରତା, ଘୃଣାଭାବ, ହିଂସାଭାବ ଦୂରେଇ ଯାଇ ସମାଜ ମଣିଷ ପାଇଁ ସ୍ୱର୍ଗୀୟ ବାସସ୍ଥାନ ପାଲଟି ଯାଆନ୍ତା। ଭଲ ପାଇବା ଦ୍ୱାରା ସ୍ୱର୍ଗରେ ରହିବା ସମ୍ଭବ। ଘରର ସଦସ୍ୟ ମାନଙ୍କୁ ଭଲ ପାଇଲେ ଘର ବୈକୁଣ୍ଠ ପାଲଟିଯିବ ନିଶ୍ଚିତ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫



# ଜଳ ପଥରେ ଶତ୍ରୁକୁ ମାତ ଦେବାକୁ ପ୍ରସ୍ତୁତ ଭାରତ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଭାରତୀୟ ନୌସେନାର ଶକ୍ତି ବଢାଉଛି ରୋମିଓ ହେଲିକପ୍ଟର । ଗୋଆର ନେଭାଲ୍ ବେସରେ ଆଜି ବିଧିବଦ୍ଧ ଭାବେ ନୌସେନାରେ ସାମିଲ ହୋଇଛି । ଅତ୍ୟାଧୁନିକ MH-60R ରୋମିଓ ହେଲିକପ୍ଟର । ହିନ୍ଦ ମହାସାଗରରେ ଶତ୍ରୁ ପକ୍ଷର ଗତିବିଧି ଉପରେ ନଜର ରଖିବା ପାଇଁ ଏହି ହେଲିକପ୍ଟର ଏକ ବଡ଼ ଅସ୍ତ୍ର ସାବ୍ୟସ୍ତ ହେବ । ଏହା ହେଉଛି ଭାରତୀୟ ନୌସେନାର ଦ୍ୱିତୀୟ ରୋମିଓ ସ୍କ୍ୱାଡ୍ରନ୍, ଯାହାକୁ ପଶ୍ଚିମ ସାମୁଦ୍ରିକ ସୀମାରେ ନିୟୋଜିତ କରାଯିବ । ଏଥିରେ ରହିଛି ମଲ୍ଟି-ମୋଡ୍ ରଡାର ଏବଂ ହାଇ-ରିଜୋଲ୍ୟୁସନ କ୍ୟାମେରା, ଯାହା ସମୁଦ୍ର ଭିତରେ ଲୁଚି ରହିଥିବା ଶତ୍ରୁର ବୁଡ଼ାଜାହାଜକୁ ଖୋଜି ବାହାର କରିପାରିବ



। ଆଗାମୀ ଦିନରେ ଏହି ହେଲିକପ୍ଟରଗୁଡ଼ିକୁ ଆଇଏନଏସ୍ ବିକ୍ରମାଦିତ୍ୟ ଏବଂ ଆଇଏନଏସ୍ ବିକ୍ରାନ୍ତରେ ମଧ୍ୟ ମୁତୟନ କରାଯିବ । ଆମେରିକା ସହ ହୋଇଥିବା ୨୪ଟି ହେଲିକପ୍ଟର ଚୁକ୍ତି ମଧ୍ୟରୁ ଏହି ନୂତନ ସ୍କ୍ୱାଡ୍ରନ୍ ଚୀନ୍ ଓ ପାକିସ୍ତାନ ସୀମାରେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବ । ଏହାର ଅତ୍ୟାଧୁନିକ ସେନ୍ସର ଏବଂ ରଡାର୍ ପ୍ରଣାଳୀ ଯେକୌଣସି ପାଣିପାଗରେ ଶତ୍ରୁର ଗତିବିଧି ଉପରେ ନଜର ରଖିପାରିବ ।

# ଢାକାରେ ଭାରତୀୟ ଦୂତାବାସର ସୁରକ୍ଷା ନେଇ ବାଂଲାଦେଶ ହାଇକମିଶନରଙ୍କୁ ସମନ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ବାଂଲାଦେଶ ହାଇକମିଶନରଙ୍କୁ ସମନ । ଢାକାରେ ଭାରତୀୟ ଦୂତାବାସର ସୁରକ୍ଷା ନେଇ ସମନ ଜାରି କଲେ ଭାରତ ସରକାର । ଆଜି ଦିଲ୍ଲୀରେ ଥିବା ବାଂଲାଦେଶ ହାଇକମିଶନରଙ୍କୁ ସମନ କରିଛନ୍ତି ସରକାର । ଗତ କିଛି ଦିନ ଧରି ବାଂଲାଦେଶ ରାଜଧାନୀରେ ଭାରତୀୟ ମିଶନ ବାହାରେ ଚାଲିଥିବା ବିରୋଧ ପ୍ରଦର୍ଶନ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତରେ ଅବସ୍ଥାପିତ ବାଂଲାଦେଶର ହାଇକମିଶନର ଏମ୍. ରିଆଜ ହମିଦୁଲ୍ଲାଙ୍କୁ ସମନ କରିଛନ୍ତି । ତାଙ୍କୁ ଢାକାରେ ଭାରତୀୟ ମିଶନର ସୁରକ୍ଷା ବ୍ୟବସ୍ଥା ଏବଂ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଭାରତର ଚିନ୍ତା ବିଷୟରେ ଅବଗତ କରାଯାଇଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ଢାକାରେ ଭାରତୀୟ ମିଶନ ବାହାରେ ପ୍ରତିବାଦ ପ୍ରଦର୍ଶନ କରାଯାଉଛି, ଯାହା ଦୂତାବାସର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ଏହାକୁ ଦୃଷ୍ଟିରେ ରଖି, ଭାରତ ଆନୁଷ୍ଠାନିକ ଭାବରେ ବାଂଲାଦେଶ ସରକାରଙ୍କୁ ପରିସ୍ଥିତି ସ୍ପଷ୍ଟ କରିବାକୁ କହିଛି । ବାଂଲାଦେଶର ନ୍ୟାସନାଲ ସିଟିଜେନ୍ ପାର୍ଟି (ଏନସିପି)ର ନେତା ହସନତ ଅବଦୁଲ୍ଲାଙ୍କ ଭାରତ ବିରୋଧୀ ବୟାନବାଜି ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏକ ସାର୍ବଜନୀନ ଭାଷଣରେ ସେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଅଲଗା କରିବାକୁ ଧମକ ଦେଇଥିଲେ । ହସନତ ଅବଦୁଲ୍ଲା ତାଙ୍କର କଠୋର ଭାରତ ବିରୋଧୀ ମତ ପାଇଁ ଜଣାଶୁଣା । ଏକ ସର୍ବଦଳୀୟ ପ୍ରତିବାଦ ରାଲିକୁ ସମ୍ବୋଧିତ କରି ଅବଦୁଲ୍ଲା କହିଥିଲେ ଯେ, ଯଦି ବାଂଲାଦେଶକୁ ଭାରତ ଅସ୍ଥିର କରିବାକୁ ଉଦ୍ୟମ ଜାରି ରଖିବ, ତେବେ ଏହାର ଆଞ୍ଚଳିକ ପରିଣାମ ଗମ୍ଭୀର ହେବ ଏବଂ ଭାରତର ସମଗ୍ର ଉତ୍ତର ପୂର୍ବ ଅଞ୍ଚଳ ବିଚ୍ଛିନ୍ନ କରିଦିଆଯିବ । ଅବଦୁଲ୍ଲା ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ତାଙ୍କ ସହଯୋଗୀମାନଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ, ଶେଖ ହସିନାଙ୍କ ସମର୍ଥକମାନେ ଅର୍ଥ, ଅସ୍ତ୍ରଶସ୍ତ୍ର ଏବଂ ତାଲିମ ମାଧ୍ୟମରେ ଲୋକଙ୍କୁ ବାଂଲାଦେଶ ବିରୋଧରେ ଉସୁକାଉଛନ୍ତି । ଏଥି ସହିତ ସେ ବାଂଲାଦେଶ ନିର୍ବାଚନ କମିସନଙ୍କୁ ତୀବ୍ର ସମାଲୋଚନା କରି ଏହାକୁ ମେରୁଦଣ୍ଡହୀନ ବୋଲି କହିଥିଲେ । ସେ ମୁଖ୍ୟ ନିର୍ବାଚନ କମିସନରଙ୍କ ସମ୍ବେଦନଶୀଳତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ ।

## ଦିଲ୍ଲୀରେ ଚିନ୍ତା ବଢ଼ାଇଲା ପ୍ରଦୂଷଣ

# ଘରୁ ରହି କାମ କରିବେ ଅଧା ସରକାରୀ କର୍ମଚାରୀ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଦିଲ୍ଲୀରେ ଚିନ୍ତା ବଢ଼ାଇଲା ବାୟୁ ପ୍ରଦୂଷଣ । ଘରୁ ରହି କାମ କରିବାକୁ ନିର୍ଦ୍ଦେଶ ଦେଲେ ସରକାର । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏବେ ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଆଉ ଏବେ ଏହାର ମୁକାବିଲା କରିବା ପାଇଁ ସରକାର ସମସ୍ତ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଗୋଟିଏ ଦିନ ପୂର୍ବରୁ, ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଥିଲେ ଯେ ପ୍ରଦୂଷଣମୁକ୍ତ ପ୍ରମାଣପତ୍ର ବିନା ଯାନବାହନଗୁଡ଼ିକୁ ପେଟ୍ରୋଲ ଏବଂ ଡିଜେଲ ମିଳିବ ନାହିଁ । ଏବେ ଏହାପରେ ଆଜି ଏମିତି କିଛି ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ସରକାର । ସୂଚନାଯୋଗ୍ୟ ଯେ, ଗତକାଲି ଦିଲ୍ଲୀର ବାୟୁ ପ୍ରଦୂଷଣ ଭୟଙ୍କର ସ୍ତରରେ ପହଞ୍ଚିବା ପରେ ଦିଲ୍ଲୀ ସରକାର କଡ଼ା ପଦକ୍ଷେପ ନେଇଥିଲେ । ଡିସେମ୍ବର ୧୮ଠାରୁ ବୈଧ ଚଟଉ ସର୍ଟିଫିକେଟ୍ ନ ଥିବା ଯାନବାହନକୁ ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି କୁହାଯାଇଥିଲା । କ୍ୟାମେରା ମାଧ୍ୟମରେ ଏହାର ନିରୀକ୍ଷଣ କରାଯିବ। ଏହାସହିତ ଦିଲ୍ଲୀ ବାହାରୁ ଆସୁଥିବା BS-VI ନର୍ମ୍ ତଳେ ଥିବା ଯାନବାହନ, ବିଶେଷକରି ଟ୍ରକ୍ ଓ କମର୍ସିଆଲ୍ ଗାଡ଼ିଗୁଡ଼ିକୁ ସହରକୁ ପ୍ରବେଶ ନିଷେଧ କରାଯାଇଛି । ଅତ୍ୟାବଶ୍ୟକ ସେବା ଗାଡ଼ି ବ୍ୟତୀତ ଅନ୍ୟମାନଙ୍କୁ ବାରଣ କରାଯାଇଛି ।

# ୩୯ ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇଲେ ଟ୍ରମ୍ପ !

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତୀୟ ସୁରକ୍ଷା ଏବଂ ସାର୍ବଜନୀକ ସୁରକ୍ଷାକୁ ନଜରରେ ରଖି ପ୍ରବାସ ନୀତିକୁ ଆହୁରି କଠୋର କରିଛନ୍ତି । ମଙ୍ଗଳବାର ଟ୍ରମ୍ପ ପ୍ରଶାସନ ଆହୁରି ୭ଟି ଦେଶ ଏବଂ ପାଲେଷ୍ଟେନୀୟଙ୍କ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲଗାଇଛି । ଏହା ସହିତ, ଅନ୍ୟ ୧୫ଟି ଦେଶର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ ପ୍ରତିବନ୍ଧକ ଲଗାଯାଇଛି । ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ସହିତ, ଆମେରିକାରୁ ଯାତ୍ରା ପ୍ରତିବନ୍ଧକ କିମ୍ବା ପ୍ରବେଶ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦେଶର ସଂଖ୍ୟା ୩୯କୁ ବୃଦ୍ଧି ପାଇଛି । ସୂଚନା ଅନୁଯାୟୀ, ଏହି ପ୍ରତିବନ୍ଧକ ଜାନୁଆରି ୧ ତାରିଖରୁ କାର୍ଯ୍ୟକାରୀ ହେବ । ଦୁର୍ବଳ ଭିସା ଯାଞ୍ଚ ବ୍ୟବସ୍ଥା, ଅଧିକ ଭିସା ଅବଧି ହାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର ବିପଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ନୂତନ ଘୋଷଣାରେ ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଡାନ ଏବଂ ସିରିଆ



ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରାଯାଇଛି । ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଯାତ୍ରା ଦସ୍ତାବିଜ୍ ରଖିଥିବା ପାଲେଷ୍ଟେନୀୟମାନଙ୍କୁ ମଧ୍ୟ ପ୍ରତିବନ୍ଧକ ତାଲିକାରେ ଯୋଡାଯାଇଛି । ପୂର୍ବରୁ ଆଂଶିକ ପ୍ରତିବନ୍ଧକ ଥିବା ଲାଓସ ଏବଂ ସିଏରା ଲିଓନ ଉପରେ ମଧ୍ୟ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ ହୋଇଛି । ଅଙ୍ଗୋଲା, ଏଣ୍ଟିଗୁଆ ଏବଂ ବାରବୁଡା, ବେନିନ, କୋଟ୍ ଡି'ଆଇବୋର୍, ଡୋମିନିକା, ଗେବାନ୍, ଦ ଗାମ୍ବିଆ, ମାଲାୱି, ମୌରିଟାନିଆ, ନାଇଜେରିଆ, ସେନେଗଲ୍, ତାଞ୍ଜାନିଆ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ କଟକଣା ଲାଗୁ କରିଛି ଟ୍ରମ୍ପ ପ୍ରଶାସନ । ବୁରୁଣ୍ଡି, କ୍ୟୁବା, ଟୋଗୋ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ପୂର୍ବରୁ ଥିବା ଆଂଶିକ କଟକଣା ବଳବତ୍ତର ରହିଛି । ତୁର୍କମେନିସ୍ତାନ ହେଉଛି ଏକମାତ୍ର ଦେଶ ଯାହାକୁ ନୂତନ ବ୍ୟବସ୍ଥା ଅନୁଯାୟୀ ଆଂଶିକ ଆଶ୍ୱସ୍ତି ଦିଆଯାଇଛି । ଏହାର ନାଗରିକଙ୍କ ପାଇଁ ଅଣ-ପ୍ରବାସୀ ଭିସା କଟକଣା ଉଠାଇ ଦିଆଯାଇଛି ।

## ବାଂଲାଦେଶୀ ନେତାଙ୍କ ଧମକ

# 'ଉତ୍ତର-ପୂର୍ବକୁ ଭାରତରୁ ଅଲଗା କରିଦେବୁ'

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ବାଂଲାଦେଶର ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ନେତା ହସନତ ଅବଦୁଲ୍ଲାଙ୍କ ଉତ୍ତେଜକ ବିବୃତ୍ତି ଭାରତ-ବାଂଲାଦେଶ ସମ୍ପର୍କକୁ ନେଇ ଏକ ନୂଆ ବିତର୍କ ସୃଷ୍ଟି କରିଛି । ଢାକାର କେନ୍ଦ୍ରୀୟ ସହିଦ ମିନାରରେ ଇନ୍କିଲାବ ମଞ୍ଚ ଦ୍ୱାରା ଆୟୋଜିତ ଏକ ସର୍ବଦଳୀୟ ପ୍ରତିବାଦ ରାଲିକୁ ସମ୍ବୋଧିତ କରି ଅବଦୁଲ୍ଲା କହିଛନ୍ତି, ଯଦି ବାଂଲାଦେଶକୁ ଭାରତ ଅସ୍ଥିର କରିବାକୁ ଉଦ୍ୟମ ଜାରି ରଖିବ, ତେବେ ଏହାର ଆଞ୍ଚଳିକ ପରିଣାମ ଗମ୍ଭୀର ହେବ ଏବଂ ଭାରତର ସମଗ୍ର ଉତ୍ତର ପୂର୍ବ ଅଂଚଳ ବିଚ୍ଛିନ୍ନ କରିଦିଆଯିବ । ହସନତ ଅବଦୁଲ୍ଲା ସିଧାସଳଖ ଭାରତକୁ ଧମକ ଦେଇ କହିଛନ୍ତି ଯେ ଯଦି ବାଂଲାଦେଶର ସାର୍ବଭୌମତ୍ୱ, ଭୋଟ୍ ଅଧିକାର ଏବଂ ମାନବିକ ଅଧିକାରକୁ ସମ୍ମାନ ଦେଉନଥିବା ଶକ୍ତିକୁ ଆଶ୍ରୟ ଦିଆଯାଏ, ତେବେ ବାଂଲାଦେଶ ମଧ୍ୟ ଏହାର ଜବାବ



ଦେବ । ସେ କହିଥିଲେ ଯେ ବାଂଲାଦେଶରେ ଅସ୍ଥିରତାର ନିଆଁ କେବଳ ସୀମାରେ ସୀମିତ ରହିବ ନାହିଁ ବରଂ ସମଗ୍ର ଅଂଚଳରେ ବ୍ୟାପିପାରେ । ଏନ୍‌ସିପି ନେତା ଅଭିଯୋଗ କରିଛନ୍ତି, ଦେଶରେ ଅରାଜକତା ସୃଷ୍ଟି କରିବା, ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଏବଂ ଐମ ପ୍ରାର୍ଥୀଙ୍କ ଉପରେ ଆକ୍ରମଣ କରିବାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଭାରତର ସମର୍ଥନ ରହିଛି । ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ ସୀମାରେ ବାଂଲାଦେଶୀ ନାଗରିକଙ୍କ ହତ୍ୟାରେ ଭାରତୀୟ ଏଜେନ୍ସି ସମ୍ପୃକ୍ତ ରହିଛି । ଭାରତର ଭୂମିକାକୁ ସମାଲୋଚନା କରି ହସନତ କହିଛନ୍ତି ଯେ ସ୍ୱାଧୀନତାର ୫୪ ବର୍ଷ ପରେ ମଧ୍ୟ ବାଂଲାଦେଶ ଶାଗୁଣା ଭଳି ଶକ୍ତିର ସମ୍ମୁଖୀନ ହେଉଛି, ଯେଉଁମାନେ ଦେଶ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଭାରତ ବାଂଲାଦେଶକୁ ଦୁର୍ବଳ କରିବାକୁ ଚାହୁଁଛି ଏବଂ ଏହାକୁ ଏକ ବିବାଦୀୟ ଦେଶରେ ପରିଣତ କରିବାକୁ ଚାହୁଁଛି । ଅବଦୁଲ୍ଲା ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ତାଙ୍କ ସହଯୋଗୀମାନଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଶେଖ ହସିନାଙ୍କ ସମର୍ଥକମାନେ ଅର୍ଥ, ଅସ୍ତ୍ରଶସ୍ତ୍ର ଏବଂ ତାଲିମ ମାଧ୍ୟମରେ ଲୋକଙ୍କୁ ବାଂଲାଦେଶ ବିରୋଧରେ ଉସୁକାଉଛନ୍ତି । ଏଥି ସହିତ ସେ ବାଂଲାଦେଶ ନିର୍ବାଚନ କମିସନଙ୍କୁ ତୀବ୍ର ସମାଲୋଚନା କରି ଏହାକୁ ମେରୁଦଣ୍ଡହୀନ ବୋଲି କହିଛନ୍ତି । ସେ ମୁଖ୍ୟ ନିର୍ବାଚନ କମିସନରଙ୍କ ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠାଇଛନ୍ତି ।

# କଂଗ୍ରେସରେ ଆଭ୍ୟନ୍ତରୀଣ ବିବାଦ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** କଂଗ୍ରେସରେ ଆରମ୍ଭ ହୋଇଛି ଅନ୍ତରୀଣ ବିବାଦ । ତେବେ ଏହି ବିବାଦ କେଣସି ନେତାଙ୍କ ଭିତରେ ନୁହେଁ ବଂର ଭାଇ-ଭଉଣୀଙ୍କ ଭିତରେ । ସବୁବେଳେ କୁଲ୍ ଅନ୍ଦାଜରେ ଦେଖାଯାଉଥିବା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଭିତରେ ଚାଲିଛି ବିବାଦ । ଏବେ ଟିମ୍ ପ୍ରିୟଙ୍କା ବନାମ ଟିମ୍ ରାହୁଲ ଖୋଲାଖୋଲି ସାମାନକୁ ଆସିଛନ୍ତି । କଂଗ୍ରେସର ଏହି ଆଭ୍ୟନ୍ତରୀଣ ବିବାଦ ନେଇ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ରଭନୀତ ସିଂହ ବିଟ୍ଟୁ । ସେ କହିଛନ୍ତି, ଲୋକସଭାର ବିରୋଧି ଦଳ ନେତା ପରିବାର ସହ ଝଗଡା କରି ବିଦେଶ ଯାଇଛନ୍ତି । ଏକ ଟିଭି ଚ୍ୟାନେଲକୁ ଦେଇଥିବା ସାକ୍ଷାତ ପରେ କେନ୍ଦ୍ରମନ୍ତ୍ରୀ ବିଟ୍ଟୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦୁଇ ଗାନ୍ଧୀଙ୍କ ଭିତରେ ଏବେ ସମ୍ପର୍କ ଭଲ ନାହିଁ । ମୋତେ ଜଣାପଡିଛି ଯେ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ଭାଷଣର ତୁଳନା କରାଯାଉଛି । ଏହାକୁ ନେଇ ରାହୁଲ ଖୁବ୍ ଅସନ୍ତୁଷ୍ଟ । ଏହି କାରଣରୁ ସେ ପରିବାର ସହ ଝଗଡା କରି ବିଦେଶ ଚାଲିଯାଇଛନ୍ତି । 'ଭିବି ଜି ରାମ ଜି' ବିଲ୍ ବିରୋଧରେ କଂଗ୍ରେସ ପାର୍ଟି ଦେଶବ୍ୟାପି ବିରୋଧ ପ୍ରଦର୍ଶନ କରୁଛି । ଏହାକୁ ନେଇ ରଭନୀତ ସିଂହ ବିଟ୍ଟୁ କହିଛନ୍ତି, ତାଙ୍କ ପାଖରେ ପ୍ରଦର୍ଶନ କରିବାକୁ ଲୋକ ଅଛନ୍ତି ତ ? ତାଙ୍କୁ ମହାତ୍ମା ଗାନ୍ଧୀଙ୍କୁ ନେଇ କେଣସି ଲେଣଦେଣ ନାହିଁ । ତାଙ୍କୁ କେବଳ ଗାନ୍ଧୀ ସରନେମ୍ ପ୍ରିୟଙ୍କା ଗାନ୍ଧୀ, ରାହୁଲ ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ସଞ୍ଜୟ ଗାନ୍ଧୀ ଏହି ଗାନ୍ଧୀକୁ ନେଇ ସମସ୍ୟା । ବିଟ୍ଟୁ କହିଛନ୍ତି, ଏହି ଲୋକମାନେ ସେହି ଗାନ୍ଧୀଙ୍କୁ ଭୁଲି ସାରିଛନ୍ତି, ଯାହାକି ତାଙ୍କ ନାଁ ସହ ଯୋଡି ହୋଇ ଅଛି । ଏମାନେ ତାକୁ ପ୍ରତ୍ୟାଖାନ ମଧ୍ୟ କରିସାରିଛନ୍ତି । ବାପୁ ଗାନ୍ଧୀ ଥିଲେ ଓ ରହିବେ । ରାହୁଲ ଗାନ୍ଧୀ କେଉଁଠି ଅଛନ୍ତି ? ତାଙ୍କ ଫଟୋ ଜର୍ମାନୀରେ ଦେଖିବାକୁ ମିଳିଛି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଛନ୍ତି, ଯିଏକି ଦେଶ ପାଇଁ ଯାଆନ୍ତି । କିନ୍ତୁ ରାହୁଲ ଗାନ୍ଧୀ କେବଳ ବିଭିନ୍ନ ଦେଶକୁ ବୁଲିବାକୁ ଯାଆନ୍ତି ।

# କେବଳ ବିଏସ୍-୪ ଇଞ୍ଜିନ ଥିବା ଗାଡ଼ି ଓ ନୂଆ ଯାନବାହନକୁ ଚଳାଚଳ ଅନୁମତି ମିଳିବ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଦିଲ୍ଲୀରେ କଳବଳ କଲାଣି ବାୟୁ ପ୍ରଦୂଷଣ । ବାୟୁ ଗୁଣବତ୍ତା ବିପଦ ସଙ୍କେତ ପାର୍ କରିବା ପରେ ଜୀବନ ନେଉଛି ଘନ କୁହୁଡ଼ି । ପ୍ରଦୂଷଣ ପାଇଁ ଦିଲ୍ଲୀରେ ଏବେ ରହିବା କଷ୍ଟକର ହୋଇପଡ଼ିଲାଣି । ବିଭିନ୍ନ ରୋଗର କାରଣ ପାଲଟିଛି ବାୟୁ ପ୍ରଦୂଷଣ । ଏହାକୁ ଆଖି ଆଗରେ ରଖି ସୁପ୍ରିମକୋର୍ଟ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନକୁ ନେଇ ପୂର୍ବରୁ ଦେଇଥିବା ଆଦେଶରେ ସଂଶୋଧନ କରିଛନ୍ତି । ତାଙ୍କର ନୂତନ ଆଦେଶରେ, ସୁପ୍ରିମକୋର୍ଟ କହିଛନ୍ତି ଯେ, ଦିଲ୍ଲୀ-ଏନସିଆରରେ କେବଳ BS4 ଏବଂ ନୂତନ ଯାନଗୁଡ଼ିକୁ ଛାଡ଼ ଦିଆଯିବ । ସଂଶୋଧିତ ଆଦେଶରେ BS-3 ଯାନଗୁଡ଼ିକୁ ଛାଡ଼ରୁ ବାଦ ଦିଆଯାଇଛି । ସୁପ୍ରିମକୋର୍ଟ CAQM (ବାୟୁ ଗୁଣବତ୍ତା ପରିଚାଳନା କମିଶନ)ର ଏକ ଅନୁରୋଧ ଆଧାରରେ ତାଙ୍କ ଆଦେଶରେ ସଂଶୋଧନ କରିଛନ୍ତି । ପୂର୍ବରୁ ଦିଲ୍ଲୀ ସରକାରଙ୍କ ଏକ ଆବେଦନ ଉପରେ ଶୁଣାଣି କରି, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ



ପୁରୁଣା ପେଟ୍ରୋଲ ଯାନ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ଏହି ବର୍ଷ ଅଗଷ୍ଟ ମାସରେ, ସୁପ୍ରିମକୋର୍ଟ ଦିଲ୍ଲୀ-ଏନସିଆରରେ ୧୫ବର୍ଷ ପୁରୁଣା ଯାନବାହାନ ମାଲିକମାନଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଥିଲେ । ୧୦ବର୍ଷ ପୁରୁଣା ଡିଜେଲ ଏବଂ ୧୫ବର୍ଷ ପୁରୁଣା ପେଟ୍ରୋଲ ଯାନବାହାନକୁ ନେଇ ଏକ ବଡ଼ ରାୟ ଦେଇ ସୁପ୍ରିମକୋର୍ଟ କହିଥିଲେ ଯେ, ବର୍ତ୍ତମାନ ପାଇଁ ଏପରି ଯାନବାହାନ ମାଲିକଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ସିଜେଆଇ (ମୁଖ୍ୟ ବିଚାରପତି) ବିଆର ଗବଇ, ଜଷ୍ଟିସ ବିନୋଦ କେ ଚନ୍ଦ୍ରନ ଏବଂ ଜଷ୍ଟିସ ଏନବି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିଥିଲେ । ସୁପ୍ରିମକୋର୍ଟ ଚାରି ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ମଧ୍ୟ ମାଗିଥିଲେ । ସେପର୍ଯ୍ୟନ୍ତ, ଏପରି ଯାନବାହାନ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି କହିଥିଲେ ସୁପ୍ରିମକୋର୍ଟ । କେନ୍ଦ୍ରସରକାର, ପରିବହନ ମନ୍ତ୍ରାଳୟ ଏବଂ ଦିଲ୍ଲୀ ସରକାରଙ୍କୁ ନୋଟିସ୍ ଜାରି କରାଯିବା ସହ ଦିଲ୍ଲୀ ସରକାରଙ୍କ ସମୀକ୍ଷା ଆବେଦନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

# ଇଥିଓପିଆରୁ ଓମାନ ଅଭିମୁଖେ ବାହାରିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଇଥିଓପିଆ ଗସ୍ତ ଶେଷ କରିଛନ୍ତି । ଏବେ ସେ ବର୍ତ୍ତମାନ ଓମାନ ଗସ୍ତରେ ବାହାରି ଯାଇଛନ୍ତି । ଏହା ତାଙ୍କର ତ୍ରି-ରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟ । ଇଥିଓପିଆ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବରେ ତାଙ୍କୁ ତାଙ୍କ ବିମାନ ପର୍ଯ୍ୟନ୍ତ ଛାଡିବାକୁ ଆସିଥିଲେ । ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଲିଙ୍ଗନ ସହିତ ବିଦାୟ ଦେଇଥିଲେ । ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲି ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ, ମୁଁ ଆଶା କରୁଛି ଆମେ ପୁଣି ଥରେ ଭେଟିବାର ସୁଯୋଗ ପାଇବୁ । ଆମର ରାଷ୍ଟ୍ରଗୁଡ଼ିକ ସର୍ବଦା ଐତିହାସିକ, ସାଂସ୍କୃତିକ ଏବଂ କୂଟନୈତିକ ସମ୍ପର୍କ ଦ୍ୱାରା ଯୋଡ଼ି ହୋଇ ରହିବେ ।' ଇଥିଓପିଆର ରାଜଧାନୀ ଆଡିସ୍ ଆବାବାରେ ସଂସଦର ଏକ ମିଳିତ ଅଧିବେଶନକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, 'ଗତକାଲି ମୋତେ 'ଗ୍ରେଟ ଅନର ନିଶା ଅଫ୍ ଇଥିଓପିଆ' ପ୍ରଦାନ କରାଯାଇଛି । ମୁଁ ଭାରତର ଲୋକଙ୍କ ପକ୍ଷରୁ ହାତ ଯୋଡ଼ି ଏହି ସମ୍ମାନ ଗ୍ରହଣ କରୁଛି ।' ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଭାଷଣକୁ ଭାରତ-ଇଥିଓପିଆ ସମ୍ପର୍କରେ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ଦେଖାଯାଉଛି । ଏହା ବିଶ୍ୱର ୧୮ତମ ସଂସଦ ଯେଉଁଠାରେ ପ୍ରଧାନମନ୍ତ୍ରୀ ମୋଦୀ ଭାଷଣ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ମୁଁ ଇଥିଓପିଆକୁ ଆସି ଆନନ୍ଦିତ । ଏହା ସିଂହଙ୍କ ଦେଶ । ଏଠାରେ ମୋତେ ନିଜ ଘର ଭଳି ଅନୁଭବ କରୁଛି, କାରଣ ମୋର ଗୃହ ରାଜ୍ୟ, ଗୁଜରାଟ, ସିଂହଙ୍କ ମଧ୍ୟ ସିଂହଙ୍କ ମାଟି ।' ସୁଲତାନ ହାଇଥାମ ବିନ୍ ତାରିକଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଓମାନ ଗସ୍ତ କରୁଛନ୍ତି, ଯେଉଁଠାରେ ସେ ସୁଲତାନ ତାରିକଙ୍କ ସହ ରଣନୈତିକ ସହଭାଗୀତାକୁ ମଜବୁତ କରିବା ଏବଂ ବାଣିଜ୍ୟିକ ଏବଂ ଆର୍ଥିକ ସମ୍ପର୍କକୁ ବୃଦ୍ଧି କରିବା ଉପରେ ଆଲୋଚନା କରିବେ । ଓମାନକୁ ତାଙ୍କର ଦ୍ୱିତୀୟ ଗସ୍ତରେ, ପ୍ରଧାନମନ୍ତ୍ରୀ ମୋଦି ଏଠାରେ ଭାରତୀୟ ପ୍ରବାସୀମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ ।

# ହ୍ରାସ ପାଇବ ସିଏନଜି -ପିଏନଜି ଦର

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ପନୂତନ ବର୍ଷ ୨୦୨୬ ର ଆରମ୍ଭ ଭାରତୀୟ ଗ୍ରାହକଙ୍କ ପାଇଁ ଆଶ୍ୱସ୍ତି ଆଣିବ । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡ ଟାରିଫରେ ସୁଧାର ଘୋଷଣା କରିଛି, ଯାହା ଫଳରେ ସାରା ଦେଶରେ ସିଏନ୍ଜି (ପମ୍ପ୍ରେସ୍ଡ ନାଚୁରାଲ ଗ୍ୟାସ) ଏବଂ ପିଏନ୍ଜି (ପାଇପ୍ଡ ନାଚୁରାଲ ଗ୍ୟାସ) ମୂଲ୍ୟ ୟୁନିଟ୍ ପିଛା ୨ ରୁ ୩ ଟଙ୍କା ହ୍ରାସ ପାଇବ । ପିଏନ୍ଜିଆରବି ସଦସ୍ୟ ଏ.କେ. ତିୱାରୀ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଯେ ନିୟାମକ ଗ୍ୟାସ ବଣ୍ଟନ ଗଠନକୁ ସରଳ କରିଛି । ଦୂରତା ଆଧାରରେ ପୂର୍ବରୁ ଶୁଳ୍କକୁ ତିନୋଟି ଜୋନରେ ବିଭକ୍ତ କରାଯାଇଥିଲା, କିନ୍ତୁ ଏହାକୁ ବର୍ତ୍ତମାନ ଦୁଇଟିକୁ ହ୍ରାସ କରାଯାଇଛି । ନୂତନ ନିୟମ ଅନୁଯାୟୀ, ଜୋନ୍ ୧ ଏବେ ଦେଶବ୍ୟାପୀ ସିଏନ୍ଜି ଏବଂ ଘରୋଇ ପିଏନ୍ଜି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ହେବ । ଜୋନ୍ ୧ ପାଇଁ ଦର ବର୍ତ୍ତମାନ ୫୪ ଟଙ୍କା ରଖାଯାଇଛି, ଯାହା ପୂର୍ବରୁ ୮୦ ଏବଂ ୧୦୭ ରେ ମିଳୁଥିଲା । ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ପକେଟ ଉପରୁ ୨ ରୁ ୩ ଟଙ୍କା ବୋଝ ହ୍ରାସ କରିବ । ଏହି ନୂଆ ଶୁଳ୍କ ଗଠନ ଭାରତର ୪୦ଟି ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ୍ (ସିଜିଡି) କମ୍ପାନୀ ଅଧୀନରେ ୩୧୨ଟି ଭୌଗୋଳିକ ଅଞ୍ଚଳକୁ କଭର କରିବ । ଏହି ନିଷ୍ପତ୍ତି ସିଏନ୍ଜି ଚାଳିତ କାର, ଅଟୋ ଏବଂ ବସରେ ମୂଲ୍ୟ ହ୍ରାସ କରିବ । ଘରେ ବ୍ୟବହୃତ ପିଏନ୍ଜି ମଧ୍ୟ ଶସ୍ତା ହେବ, ଯାହା ମାସିକ ବଜେଟକୁ ଉନ୍ନତ କରିବ । ପିଏନ୍ଜିଆରବି ସ୍ପଷ୍ଟ କରିଛି ଯେ ଗ୍ରାହକମାନେ ଶୁଳ୍କ ହ୍ରାସର ସମ୍ପୂର୍ଣ୍ଣ ଲାଭ ପାଇବା ଉଚିତ । ଏ.କେ. ତିୱାରୀ କହିଛନ୍ତି, ଆମର କାମ ହେଉଛି ଗ୍ରାହକ ଏବଂ ଅପରେଟରର ଉଭୟଙ୍କ ସ୍ୱାର୍ଥକୁ ସନ୍ତୁଳିତ କରିବା । କମ୍ପାନୀଗୁଡ଼ିକ ମୂଲ୍ୟ ହ୍ରାସ କରିଛନ୍ତି କି ନାହିଁ ତାହା ଆମେ ତଦାରଖ କରିବୁ । ଏହା ସହିତ, ଅନେକ ରାଜ୍ୟ ଭାଟ୍ (ମୂଲ୍ୟଯୁକ୍ତ କର) ହ୍ରାସ କରିଛନ୍ତି ଏବଂ ଅନୁମତି ପ୍ରକ୍ରିୟାକୁ ସରଳୀକୃତ କରିଛନ୍ତି, ଯାହା ଫଳରେ ସାରା ଦେଶରେ ଗ୍ୟାସ ଭିତ୍ତିଭୂମିର ଦ୍ରୁତ ପ୍ରସାର ଘଟିଛି ।

# ଦିଲ୍ଲୀରେ ମୋବାଇଲ୍ ଆପରେ ମିଳିବ ମଦ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ପରାଜଧାନୀ ଦିଲ୍ଲୀରେ ଏବେ ମଦ୍ୟପାନରେ ଶୌକ ରଖୁଥିବା ଲୋକଙ୍କ ପାଇଁ ଆସିଛି ଏକ ବଡ ଖବର । ଖୋଦ୍ ଦିଲ୍ଲୀ ସରକାର ଏହାର ନୂତନ ଅବକାରୀ ନୀତିରେ ଏକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି । ଏବେ ଆପଣଙ୍କୁ ଆଉ ଆପଣଙ୍କର ପ୍ରିୟ ବ୍ରାଣ୍ଡ ପାଇଁ ଦୋକାନରୁ ଦୋକାନକୁ ଦୌଡ଼ିବାକୁ ପଡ଼ିବ ନାହିଁ । ଏଥିପାଇଁ ସରକାର ଏକ ମୋବାଇଲ୍ ଆପ୍ ଲଞ୍ଚ କରୁଛନ୍ତି, ଯେଉଁଥିରେ ଆପଣ ଘରେ ବସି ମଦ ଅର୍ଡର କରିପାରିବେ । ଏହି ଆପ୍ କେବଳ ମଦ ଅର୍ଡର ପାଇଁ ନୁହେଁ ବରଂ ଷ୍ଟକ୍ ସୂଚନା ପ୍ରଦାନ କରିବ ଏବଂ ଆପଣଙ୍କୁ ଏକ ବୋତଲ ରିଜର୍ଭ କରିବାକୁ ମଧ୍ୟ ସୁବିଧା ଦେବ । ଦିଲ୍ଲୀର ନୂତନ ଅବକାରୀ ନୀତିର ଡ୍ରାଫ୍ଟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ ମନ୍ତ୍ରୀ ପରଭେଶ ବର୍ମାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଏହା ଉପରେ ଦ୍ରୁତ ଗତିରେ କାମ କରୁଛି । ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ମତାମତ ଲୋଡ଼ିବା ପାଇଁ ନୀତିକୁ ଖୁବ୍ ଶୀଘ୍ର ସାର୍ବଜନୀନ କରାଯିବ । ଏହି ପ୍ରକ୍ରିୟା ଜାନୁଆରୀ ସୁଦ୍ଧା ଆରମ୍ଭ ହେବାର ସମ୍ଭାବନା ଅଛି । ଜନସାଧାରଣଙ୍କ ପରାମର୍ଶ ଆଧାରରେ ନୀତିକୁ ସଂଶୋଧିତ କରାଯିବ । ତା'ପରେ ଏହାକୁ କ୍ୟାବିନେଟ୍ ଏବଂ ତା'ପରେ ଉପରାଜ୍ୟପାଳଙ୍କ ନିକଟକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାଯିବ, ଯାହା ପରେ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ । ପୁରୁଣା ଅବକାରୀ ନୀତି ସେପ୍ଟେମ୍ବର ୨୦୨୨ ରୁ ଦିଲ୍ଲୀରେ କାର୍ଯ୍ୟକାରୀ ହୋଇଛି, ଏବଂ ଏହାକୁ ବାରମ୍ବାର ବୃଦ୍ଧି କରାଯାଇଛି । ସମ୍ପ୍ରତି, ଏହାକୁ ପୁଣି ତିନି ମାସ ପାଇଁ ବୃଦ୍ଧି କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସ୍ପଷ୍ଟ କରିଛନ୍ତି ଯେ ନୂତନ ନୀତିର ଲକ୍ଷ୍ୟ ହେଉଛି ଏକ ସ୍ୱଚ୍ଛ ଢାଞ୍ଚା ସୃଷ୍ଟି କରିବା, ଯାହା ଦିଲ୍ଲୀର ରାଜସ୍ୱକୁ ସର୍ବାଧିକ ବୃଦ୍ଧି କରିବ । ଏହି ଉଦ୍ଦେଶ୍ୟରେ ଅନ୍ୟ ରାଜ୍ୟ ଗୁଡ଼ିକର ସର୍ବୋତ୍ତମ ଅଭ୍ୟାସ ଗୁଡ଼ିକୁ ମଧ୍ୟ ଅଧ୍ୟୟନ କରାଯାଇଛି ।

# ବିଜେପି ବିରୋଧରେ ସାରା ଦେଶରେ କଂଗ୍ରେସର ବିକ୍ଷୋଭ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ବିଜେପି ବିରୋଧରେ ସାରା ଦେଶରେ କଂଗ୍ରେସର ବିକ୍ଷୋଭ । ସତ୍ୟମେବ ଜୟତେ ଆନ୍ଦୋଳନ । ବହୁଚର୍ଚ୍ଚିତ ନ୍ୟାସନାଲ ହେରାଲଡ ମାମଲାରେ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ବିରୋଧରେ ଇଡିର ଚାର୍ଜସିଟକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ । ଏହା ପରେ ଘଟଣାକୁ ନେଇ ତାତିଛି କଂଗ୍ରେସ । ରାଜନୈତିକ ପ୍ରତିଶୋଧ ପରାୟଣ ହୋଇ ଗାନ୍ଧି ପରିବାରକୁ ଫସାଇବାକୁ ବିଜେପି ବାରମ୍ବାର ଚେଷ୍ଟା କରୁଛି । କିନ୍ତୁ କୋର୍ଟରେ ଚାର୍ଜସିଟ୍ ଖାରଜ ହେବା ଦ୍ୱାରା ସତ ପଦାକୁ ଆସିଛି । ସତ୍ୟର ଜୟ ହୋଇଛି । ଏପିରିକ ଏହି ମାମଲାରେ ଏଫଆଇଆର୍ ମଧ୍ୟ ହୋଇ ନାହିଁ ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି । ସେ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଛନ୍ତି । କୋର୍ଟଙ୍କ ରାୟକୁ ସ୍ୱାଗତ କରି ବିଜେପି ବିରୋଧରେ ବର୍ଷିଛି କଂଗ୍ରେସ । ଆଜି ସାରା ଦେଶରେ ବିଜେପି ବିରୋଧରେ ବିକ୍ଷୋଭ କରିଛି କଂଗ୍ରେସ । କୋର୍ଟ କହିଥିଲେ, ପିଏମଏଲଏ ଅନୁସାରେ ଦାୟର ଅଭିଯୋଗ ଯଥାର୍ଥ ନୁହେଁ । ଏହା ଏକ ପ୍ରାଇଭେଟ ଅଭିଯୋଗ ଅନୁସାରେ ହୋଇ ନ ଥିବା ସହ ଏହା ଏକ ଏଫଆଇଆର ହୋଇ ନଥିବାରୁ ଏହାକୁ କୋର୍ଟ ଗ୍ରହଣ କରିପାରିବେ ନାହିଁ । ଗତ ୨୦୨୨ ଅଗଷ୍ଟ ୩ ତାରିଖରେ ନ୍ୟାସନାଲ ହେରାଲଡ ଅଫିସ ସିଲ୍ କରିଥିଲା ଇଡି । ପରେ ୨୦୨୫ ଏପ୍ରିଲ ୧୫ରେ ସୋନିଆ, ରାହୁଲ ଓ ସାମ ପିଟ୍ରୋଡାଙ୍କ ବିରୋଧରେ ଇଡି ଚାର୍ଜସିଟ ଦାଖଲ କରିଥିଲା ।

# 'କାଶ୍ମୀର ନା କେବେ ଭାରତର ଥିଲା ନା ହେବ'

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଜାତିସଂଘର ସୁରକ୍ଷା ପରିଷଦ (UNSC) ଭାରତ ଓ ପାକିସ୍ତାନ ଭିତରେ ରଣଭୂମି ପାଲଟିବାରେ ଲାଗିଛି । ଜମ୍ମୁ-କଶ୍ମୀରକୁ ନେଇ ଭାରତ ଉପରେ ଗମ୍ଭୀର ଅଭିଯୋଗ ଆଣିଛି ପାକିସ୍ତାନ । ଦିନକ ପୂର୍ବରୁ ଭାରତର ରାଷ୍ଟ୍ରଦୂତ ପାକିସ୍ତାନକୁ ଆତଙ୍କବାଦ ସୃଷ୍ଟି କରିଥିବା ଯୋଗୁଁ କଡା ଭର୍ତ୍ସନା କରିଥିଲେ । ଏହାର ଜବାବରେ ପାକିସ୍ତାନ UNSC ମିଶନର କାଉସିଲର ଓ ପଲିଟିକାଲ କୋ-ଅର୍ଡିନେଟ୍ ଗୁଲ୍ କେସର ସରଭାନୀ କହିଛନ୍ତି, କାଶ୍ମୀର ନା କେବେ ଭାରତର ଅଂଶ ଥିଲା ନା କେବେ ହେବ ।' ସରୱାନି ଦାବି କରିଥିଲେ ଯେ ଜମ୍ମୁ ଏବଂ କାଶ୍ମୀର ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦୀୟ ଅଞ୍ଚଳ ଏବଂ ଏହା କେବଳ ପାକିସ୍ତାନର ନୁହେଁ ବରଂ ଜାତିସଂଘର ମଧ୍ୟ ମତ । ସେ କହିଛନ୍ତି, ଭାରତ ନିଜେ ଏହି ପ୍ରସଙ୍ଗକୁ ସୁରକ୍ଷା ପରିଷଦରେ ଆଣିଥିଲା ଓ କାଶ୍ମୀରର ଲୋକଙ୍କୁ ନିଜର ଭବିଷ୍ୟତ ନିର୍ଣ୍ଣୟ କରିବା ପାଇଁ ଜନମତ ସଂଗ୍ରହର ଅଧିକାର ଦେବାକୁ ପ୍ରତିଶୃତି ଦେଇଥିଲା, ଯାହାକି ଆଜି ପର୍ଯ୍ୟନ୍ତ ପୁରା ହୋଇନି । ସେ ଆହୁରି କହିଛନ୍ତି ଯେ ଭାରତ ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ସେନିକଙ୍କୁ ମୁତୟନ କରିଛି । ଲୋକଙ୍କ ସ୍ୱାଧୀନତାକୁ ଓ ସ୍ୱରକୁ ଦମନ କରୁଛି ଏବଂ ଅଞ୍ଚଳର ଭୌଗୋଳିକ ଗଠନକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛି । ସେ କହିଛନ୍ତି, ଏହା ଅନ୍ତର୍ଜାତୀୟ ଆଇନ ଏବଂ ଏକ ଦଖଲକାରୀ ଶକ୍ତି ଭାବରେ ଭାରତର ଆଇନଗତ ଦାୟିତ୍ୱକୁ ଉଲ୍ଲଂଘନ କରୁଛି । ପାକିସ୍ତାନ ମଧ୍ୟ ଆତଙ୍କବାଦର ଦୋଷ ଭାରତ ଉପରେ ଲଦିବାକୁ ଚେଷ୍ଟା କରିଛି । ସରୱାନି କହିଛନ୍ତି. ଭାରତ ଅଭିଯୋଗ ମାଧ୍ୟମରେ ଲୋକଙ୍କ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛି । ସୀମା ଆରପାରିରେ ପାକିସ୍ତାନରେ ଆତଙ୍କବାଦକୁ ଭାରତ ପ୍ରୋତ୍ସାହିତ କରୁଛି ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦ ବିସ୍ତାର କରୁଛି । ସେ ଏହା ମଧ୍ୟ କହିଛନ୍ତି ଯେ, ପାକିସ୍ତାନରେ ଆକ୍ରମଣ କରିଥିବା ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀକୁ ଭାରତ ସମର୍ଥନ କରେ । ଏହା ବ୍ୟତୀତ, ଭାରତ ବାରମ୍ବାର ପାକିସ୍ତାନ ବିରୁଦ୍ଧରେ ଆକ୍ରମଣ କରିଛି, ଯାହା ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘ ଚାର୍ଟରକୁ ଉଲ୍ଲଂଘନ କରୁଛି ।



## ଆକ୍ସିସ ବ୍ୟାଙ୍କର ଇକୋନମିକ ଆଉଟଲୁକ
# ଭାରତର ଜିଡିପି ଅଭିବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷରେ ୭.୫% ବେଗରେ ତ୍ୱରାନ୍ୱିତ ହେବ

ଭୁବନେଶ୍ୱର, ୧୭।୧୨ (ନି.ପ୍ର) : ଢାଂଚାଗତ ଓ ନିୟାମକ ସଂସ୍କାର, ନିମ୍ନ ଋଣ ଖର୍ଚ୍ଚ, ତ୍ୱରିତ ପୁଂଜି ଗଠନ ଓ ନୀତି କୋହଳ ହେବା ଦ୍ୱାରା ମିଳିଥିବା ଦୃଢ଼ତା ବଳରେ ଭାରତର ଅଭିବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରଚଳିତ ଧାରାଠାରୁ ଅଧିକ ରହିବ ବୋଲି ଆକ୍ସିସ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ତଥା ଗ୍ଲୋବାଲ ରିସର୍ଚ୍ଚର ମୁଖ୍ୟ ନୀଳକଣ୍ଠ ମିଶ୍ର ବ୍ୟାଙ୍କର ଆଉଟଲୁକ ୨୦୨୬ ରିପୋର୍ଟରେ ଉଲ୍ଲେଖ କରିଚନ୍ତି। ଶ୍ରୀ ମିଶ୍ର ଓ ବ୍ୟାଙ୍କର ଗବେଷଣା ଟିମ ଜଣାଇଛନ୍ତି ଯେ ଅର୍ଥନୀତିର ବର୍ତ୍ତମାନ ସ୍ଥିତି ଅନୁସାରେ ମୁଦ୍ରାସ୍ଫୀତି ଚାପ ବିନା ଅଭିବୃଦ୍ଧି ପ୍ରଚଳିତ ଧାରାଠାରୁ ଉପରେ ରହିବ। ବିଶ୍ୱର ସର୍ବବୃହତ ଅର୍ଥନୀତି ଭାରତର ଅଭିବୃଦ୍ଧି ହାର ୨୦୨୬-୨୭ରେ ୭.୫ ପ୍ରତିଶତ ରହିବ ବୋଲି ଆକ୍ସିସ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଲେଖକ ଜଣାଇଛନ୍ତି ଯେ ଆର୍ଥିକ ସ୍ଥାଣୁତା ହ୍ରାସ ପାଉଥିବା ବେଳେ ସହାୟକ ମୁଦ୍ରାନୀତି ଅଭିବୃଦ୍ଧିକୁ ବଢ଼ାଇବ। ଢ଼ାଂଚାଗତ ସଂସ୍କାର ଓ ନିୟାମକ ବ୍ୟବସ୍ଥାରେ ସହଜତା ମଧ୍ୟବର୍ତ୍ତୀ କାଳରେ ଅଭିବୃଦ୍ଧିକୁ ଦୃଢ଼ କରିବ। ଉନ୍ନତ ଆର୍ଥିକ ସ୍ଥିତି, ସ୍ଥିର ସ୍ୱଳ୍ପ ମୂଲ୍ୟ, ଉଚ୍ଚ ଦକ୍ଷତା ଉପଯୋଗ ୨୦୨୬-୨୭ରେ ପୁଂଜି ବ୍ୟୟକୁ ବଢ଼ାଇବ। ଟିଏଫପି ଲାଭ ବଜାୟ ରହିବା ଏବଂ ପୁଂଜି ସୃଷ୍ଟି ୭ ପ୍ରତିଶତ ଅଭିବୃଦ୍ଧିକୁ ସୁହାଇବ। ୨୦୨୬-୨୭ରେ ପ୍ରମୁଖ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ରହିବା ଆକଳନ କରାଯାଇଛି। ମାଧ୍ୟମିକ ମୁଦ୍ରାସ୍ଫୀତି ୧୮ ମାସ ଧରି ୩ ପ୍ରତିଶତ ରହିବ ଅର୍ଥନୀତିରେ ସ୍ଥିରତାକୁ ଦର୍ଶାଉଛି। ଖାଦ୍ୟ ମୂଲ୍ୟ ଓ ଉଚ୍ଚ ଅଭିବୃଦ୍ଧି ପ୍ରଭାବରେ ପ୍ରମୁଖ ମୁଦ୍ରାସ୍ଫୀତି ହାର ୨୦୨୬-୨୭ରେ ୪ ପ୍ରତିଶତ ରହିବ ବୋଲି ଆକ୍ସିସ ବ୍ୟାଙ୍କ ଆଶା କରୁଛି। ମୁଦ୍ରା ନୀତି ଆହୁରି କୋହଳ ହୋଇପାରେ ଓ ତାହାର ଲାଭ ପହଂଚାଇବା ଲାଗି ଟଙ୍କା ଯୋଗାଣ ଓ ଋଣ ଅଭିବୃଦ୍ଧି ବଢ଼ିବ। ୨୦୨୬-୨୭ରେ ୧୦ ବର୍ଷିଆ ବଣ୍ଡ ୟିଲଡ ୬ ପ୍ରତିଶତ ରହିବ ବୋଲି ଆକ୍ସିସ ବ୍ୟାଙ୍କ ଆଶା କରୁଛି।

# ଫ୍ଲାଗସିପ୍ ନୋଭା ସିରିଜର ପ୍ରଥମ ଡିଭାଇସ୍ ଭାବେ ନୋଭା ଫ୍ଲିପ୍ ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍ ଶୁଭାରମ୍ଭ

ନୂଆଦିଲ୍ଲୀ, ୧୭।୧୨ (ନି.ପ୍ର): ପ୍ରିମିୟମ୍ ଫ୍ଲିପ୍ ସ୍ମାର୍ଟଫୋନ୍ ବଜାରରେ ୪୦,୦୦୦ ଟଙ୍କାରୁ କମ୍ ମୂଲ୍ୟରେ ନୋଭା ଫ୍ଲିପ୍ ଏହାର ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯିବା ସମ୍ପର୍କରେ ଘୋଷଣା କରିଛି। ଗ୍ରାହକଙ୍କ ପାଖରେ ଉଚ୍ଚ-ଗୁଣବତା ପ୍ରଯୁକ୍ତିବିଦ୍ୟାକୁ ସହଜରେ ପହଂଚାଇବା ପାଇଁ କମ୍ପାନୀ ଏଭଳି ପ୍ରୟାସ ଆରମ୍ଭ କରିଛି। ଆସନ୍ତା ୨୦୨୬ ବର୍ଷର ପ୍ରଥମ ତ୍ରୟମାସରେ ଫ୍ଲାଗସିପ୍ ନୋଭା ସିରିଜ୍‌ର ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯିବ। ଏହି ସ୍ମାର୍ଟଫୋନ୍‌ର ଗ୍ରାହକଙ୍କୁ ସହଜରେ ଉପଲବ୍ଧ ହେବ। ଏଥିରେ ଅତ୍ୟାଧୁନିକ ବୈଶିଷ୍ଟ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି।

ନୋଭା ୫ ଜି ଜୁଲାଇ ୨୦୨୫ରେ ବଜାର ପ୍ରବେଶ କରିଥିଲା। ଏହାର ସଫଳତାକୁ ଦୃଷ୍ଟିରେ ରଖି ନୋଭା ସିରିଜ୍‌ର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଏଆଇ ପ୍ଲସ୍(ଏଆଇ+) ବଜାର ପ୍ରବେଶ କରିଛି। ନୋଭା ସିରିଜ୍‌ରେ ଉନ୍ନତ ବୈଶିଷ୍ଟ୍ୟଯୁକ୍ତ ନୋଭା ପ୍ରୋ, ନୋଭା ଅଲ୍ଟ୍ରା, ନୋଭା ଫ୍ଲିପ୍ ଏବଂ ଫୋଲ୍ଡ ଭ୍ୟାରିଆଂଟ୍ ସ୍ମାର୍ଟଫୋନ୍ ରହିଛି। ଏସବୁ ସ୍ମାର୍ଟଫୋନ୍ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ତଥା ଅନନ୍ୟ ବୈଶିଷ୍ଟ୍ୟଯୁକ୍ତ ଥିବାବେଳେ ଏସବୁ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ସ୍ମାର୍ଟଫୋନ୍ ଶିଳ୍ପରେ ଏସବୁ ମଡେଲ ନୂତନ ମାନଦଣ୍ଡ ସୃଷ୍ଟି କରିବାର ଆଶା ରହିଛି।




ନୋଭା ଫ୍ଲିପ୍ ଏନଏକ୍ସଟିକ୍ୱାଂଟମ୍ ଅପରେଟିଂ ସିଷ୍ଟମ(ଓଏସ) ଦ୍ୱାରା ପରିଚାଳିତ ହେଉଥିବାବେଳେ ଏଥିରେ ପାରମ୍ପରିକ ସ୍ମାର୍ଟଫୋନ୍ ପରି ଫ୍ଲିପ୍ ଫର୍ମ ଫ୍ୟାକ୍ଟରକୁ ହାର୍ଡୱେର୍ ନୂତନତ୍ୱ ଭାବରେ ବ୍ୟବହାର କରାଯାଇଛି।।ଏହା ଫୋଲ୍ଡ ଏବଂ ଖୋଲା ଅବସ୍ଥାରେ ଅନନ୍ୟ ଭାବେ କାର୍ଯ୍ୟ କରିବା ଲାଗି ଡିଜାଇନ୍ କରାଯାଇଛି। ଫୋନ୍ ବନ୍ଦ ହେବା ସମୟରେ କୁଇକ୍ ଚେକ୍ ଏବଂ ଗ୍ଲାନ୍ସେବୁଲ୍ ଇନଫରମେଶନ ପାଇଁ କୋର୍ ଇଂଟ୍ରାକ୍ସନଗୁଡ଼ିକୁ ଅପ୍ଟିମାଇଜ୍ କରାଯାଇଛି। ଅପରପକ୍ଷରେ ଫୋନ୍ ଖୋଲା ସମୟରେ ସମ୍ପୂର୍ଣ୍ଣ ସ୍ମାର୍ଟଫୋନ୍‌ର ଅଭିଜ୍ଞତା ପ୍ରଦାନ କରିଥାଏ। ଏନଏକ୍ସଟିକ୍ୱାଂଟମ ଓଏସର ପ୍ରାଇଭେସି ଫାଷ୍ଟ ଆର୍କିଟେକଚର ଅଂର୍ଗତ ଜିରୋ ପ୍ରି-ଲୋଡେଡ୍ ବ୍ଲୋଟୱେର୍, କୌଣସି ଇନଭାସିଭ୍ ଟ୍ରାକର ତଥା ବ୍ୟକ୍ତିଗତ ଡାଟା ଉପରେ ନିୟନ୍ତ୍ରଣ ସୁନିଶ୍ଚିତ କରିଥାଏ। ଏହା ସ୍ୱଳ୍ପକାଳୀନ ଏନଗେଜମେଂଟ ରଣନୀତି ଅପେକ୍ଷା ଦୀର୍ଘକାଳୀନ ବିଶ୍ୱାସକୁ ପ୍ରାଥମିକତା ପ୍ରଦାନ କରିଥାଏ।

ଏହି ଅବସରରେ ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ସିଇଓ ତଥା ଏନଏକ୍ସଟିକ୍ୱାଂଟମ୍ ଶିଫ୍ଟ ଟେକ୍ନୋଲୋଜିର ପ୍ରତିଷ୍ଠାତା ମାଧବ ସେଠ୍ କହିଲେ,ଫ୍ଲିପ୍ ସ୍ମାର୍ଟଫୋନଗୁଡ଼ିକ ଲୋକମାନେ ହରାଇଥିବା କମ୍ପାକ୍ଟନେସ୍, ଫିଜିକାଲ ଇଣ୍ଟ୍ରାକଶନ ଏବଂ ନିୟନ୍ତ୍ରଣର ଭାବନା ଆଦି ଜିନିଷଗୁଡ଼ିକୁ ଫେରାଇ ଆଣିବାକୁ ସକ୍ଷମ।

ଲୋକମାନେ ଏପରି ଡିଭାଇସ୍ ଆବଶ୍ୟକ କରିଥାନ୍ତି ଯାହା ନେବା ଆଣିବା ସହଜ, ସୁବିଧାରେ ରଖାଯାଇ ପରିବ ଏବଂ ସେସବୁ ପ୍ରତି କମ ଧ୍ୟାନ ଦିଆଯାଇ ପାରିବ। ନୋଭାଫ୍ଲିପ୍ ଗ୍ରାହକଙ୍କୁ ଏକ ଆଧୁନିକ ସ୍ମାର୍ଟଫୋନ୍ ପ୍ରଦାନ କରି ଆବଶ୍ୟକ ସମସ୍ତ ବୈଶିଷ୍ଟ୍ୟ ସହିତ ସେସବୁ ପରିଚିତତାକୁ ମିଶ୍ରଣ କରିଛି। ଏହି ଫ୍ଲିପ୍ ଫୋନ୍ ସାମ୍ପ୍ରତିକ ଜୀବନଶୈଳୀ ସହିତ ଖାପଖୁଆଇବାକୁ ସକ୍ଷମ ହୋଇ ପାରିବ।

ନୋଭା ଫ୍ଲିପ୍ ପକ୍ଷରୁ ବଜାର ପ୍ରବେଶ କରାଯାଇଥିବା ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍ ୫-ଜି ରୋଡମ୍ୟାପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ପ୍ରତିନିଧିତ୍ୱ କରୁଛି। ଯାହା ପକେଟକୁ ସୁହାଇବା ନିଶ୍ଚିତ କରିବା ସହିତ ପ୍ରିମିୟମ୍ ବଜାରର ଆବଶ୍ୟକତା ପୂରଣ କରିବା ପାଇଁ ସ୍ମାର୍ଟଫୋନ୍ ପୋର୍ଟଫୋଲିଓକୁ ବହୁବିଧ କରି ନିଜର ବ୍ରାଣ୍ଡ ପ୍ରତିବଦ୍ଧତାକୁ ଦୋହରାଇଛି।

ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ଫ୍ଲାଗସିପ୍ ନୋଭା ସିରିଜ୍‌ର ନୋଭା ଫ୍ଲିପ୍‌ର ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ, ଉପଲବ୍ଧ ତଥା ବଜାର ପ୍ରବେଶ ସମ୍ପର୍କରେ ପ୍ରଥମ ତ୍ରୟମାସରେ ପ୍ରକାଶିତ ହେବ।

# ସେଲ ପକ୍ଷରୁ ଜାନୁଆରୀ ୧୧ ରେ 'ଏକତା ମହୋତ୍ସବ' ଆୟୋଜନ ହେବ

ରାଉରକେଲା, ୧୭।୧୨ (ନି.ପ୍ର): ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ - ୨୦୨୬ର ପ୍ରଚାରପ୍ରସାର କାର୍ଯ୍ୟକ୍ରମ ରୂପେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ୨୦୨୬ ଜାନୁୟାରୀ ୧୧ ତାରିଖରେ ଆମ୍ବାଗାନ ଗୁଣ୍ଡିଚା ମନ୍ଦିର ଛକ ଠାରୁ ସେକ୍ଟର ୪ ମଧୁବନ ଛକ ରାସ୍ତା ମଧ୍ୟରେ ପୂର୍ବାହ୍ନ ୭.୦୦ ଘଟିକାରୁ ୧୧ ଘଟିକା ମଧ୍ୟରେ ଏକ ବିଶାଳ ପଥ ଉତ୍ସବ ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ'ର ଆୟୋଜନ କରିବାକୁ ଯାଉଛି। ଉଲ୍ଲେଖନୀୟ ଯେ ୨୦୨୬ ଜାନୁଆରୀ ୨୪ ତାରିଖରେ ଆରଏସପି ଦ୍ୱାରା ଆୟୋଜିତ ହେବାକୁ ଥିବା ମେଗା ହାଫ୍ ମାରାଥନର ବିଷୟବସ୍ତୁ 'ସମୃଦ୍ଧି ପାଇଁ ଦୌଡ଼' ରହିଛି ଏବଂ ଏହା ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ସମସ୍ତ ଲୋକଙ୍କୁ ନେଇ ଏକ ସମବେଶୀ କାର୍ଯ୍ୟକ୍ରମ ହେବାକୁ ଉଦ୍ଦିଷ୍ଟ ରହିଛି। 'ଏକତା ମହୋତ୍ସବ' ରାଉରକେଲାର କଳାତ୍ମକ ଏବଂ କ୍ରୀଡା ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟକ୍ତି/ସାଂସ୍କୃତିକ ଗୋଷ୍ଠୀ/ସାମାଜିକ ସଂଗଠନ/ଶିକ୍ଷାନୁଷ୍ଠାନ ଇତ୍ୟାଦି ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ନୃତ୍ୟ, ସଙ୍ଗୀତ, ରଙ୍ଗୋଲି, ମେହେନ୍ଦି, ଫେସ୍ ଆର୍ଟ, ଯୋଗ, ଜୁମ୍ବା, ଫ୍ୟାଶନ୍ ଶୋ (ଟିମ୍ ଇଭେଣ୍ଟ), ଫ୍ୟାନ୍ସି ଡ୍ରେସ୍ (ଟିମ୍ ଇଭେଣ୍ଟ), ପାରମ୍ପରିକ ପୋଷାକ, ଖାଦ୍ୟ ସାମଗ୍ରୀ, କିମ୍ବା ଅନ୍ୟ କୌଣସି ସାଂସ୍କୃତିକ କିମ୍ବା କ୍ରୀଡା ପ୍ରତିଭା ଯାହା ସେମାନେ ପ୍ରଦର୍ଶନ କରିବାକୁ ଚାହାଁନ୍ତି, ସେମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାକୁ ନିମନ୍ତ୍ରଣ କରାଯାଇଛି। କାର୍ଯ୍ୟକଳାପ ପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀ/ଗୋଷ୍ଠୀଙ୍କୁ ବିଦ୍ୟୁ ସଂଯୋଗ ସହିତ ନିର୍ଦ୍ଦିଷ୍ଟ ସ୍ଥାନ ବଣ୍ଟନ କରାଯିବ।

# ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଦ୍ୱାରା ନୂତନ କ୍ଲେଫ୍ଟ କେୟାର୍ ସେଣ୍ଟର ଘୋଷଣା

ରାଉରକେଲା, ୧୭।୧୨ (ନି.ପ୍ର) : ବିଶ୍ୱର ସର୍ବବୃହତ୍ କ୍ଲେଫ୍ଟ-କେନ୍ଦ୍ରିତ ଏନ୍‌ଜିଓ ସ୍ମାଇଲ୍ ଟ୍ରେନ୍ ତାହାର ନୂତନ ସହଭାଗୀ ଭାବେ ଜୟପ୍ରକାଶ (ଜେପି) ହସ୍ପିଟାଲ୍ ଏବଂ ରିସର୍ଚ୍ଚ ସେଂଟର, ରାଉରକେଲା ସହିତ ଭାଗିଦାରୀ ଘୋଷଣା କରିଛି, ଯାହା ମାଧ୍ୟମରେ ରାଉରକେଲାରେ ମାଗଣା କ୍ଲେଫ୍ଟ ଲିପ୍ ଓ ପ୍ୟାଲେଟ୍ ସର୍ଜରୀ ସୁବିଧା ଉପଲବ୍ଧ ହେବ। ନୂତନ କ୍ଲେଫ୍ଟ ସେଂଟରରେ ରୋଗୀମାନେ ସାରା ବର୍ଷ ମାଗଣା ସର୍ଜରୀ ପାଇପାରିବେ। ଏଠାରେ କ୍ଲେଫ୍ଟ ସର୍ଜରୀଗୁଡିକ ଡ଼ଃ ପ୍ରିୟଙ୍କା ଭୋଇ, ଅରାଲ୍ ଏବଂ ମ୍ୟାକ୍ସିଲୋଫେସିଆଲ୍ ସର୍ଜନ୍ ଓ ସ୍ମାଇଲ୍ ଟ୍ରେନ୍ ପ୍ରୋଜେକ୍ଟ ଡାଇରେକ୍ଟର ଦ୍ୱାରା କରାଯିବ। ଏପର୍ଯ୍ୟ', ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଓଡ଼ିଶାରେ ୨୬,୦୦୦ ରୁ ଅଧିକ ମାଗଣା କ୍ଲେଫ୍ଟ ସର୍ଜରୀ ସହଯୋଗ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେଓଗଡ଼ ଓ ନିକଟସ୍ଥ ଅଂଚଳର ଗ୍ରାମାଂଚଳ ଏବଂ ଜନଜାତି ଅଂଚଳରେ କ୍ଲେଫ୍ଟ ବିଷୟରେ ସଚେତନତା କମ୍।



ଭାଗିଦାରୀ ବିଷୟରେ କହିବା ସମୟରେ, ରେଣୁ ମେହତା, ସ୍ମାଇଲ୍ ଟ୍ରେନ୍‌ର ଏରିଆ ଡାଇରେକ୍ଟର, ସାଉଥ୍ ଏସିଆ, କହିଥିଲେ,'ଓଡ଼ିଶାରେ ପ୍ରତିବର୍ଷ ହଜାର ଶିଶୁ କ୍ଲେଫ୍ଟ ଲିପ୍ ଓ ପ୍ୟାଲେଟ୍ ସହିତ ଜନ୍ମ ନେଉଛନ୍ତି, କିନ୍ତୁ ଅନେକ ଜଣ ଅର୍ଥାଭାବ ଓ ସଚେତନତାର ଅଭାବରୁ ସମୟୋପଯୁକ୍ତ ଚିକିତ୍ସା ପାଇପାରନ୍ତି ନାହିଁ। ଆମର 'ଟିଚ୍ ଏ ପର୍ସନ ଟୁ ଫିସ୍' ମଡେଲ୍ ମାଧ୍ୟମରେ ଆମେ ୪୦୦+ ମେଡିକାଲ୍ ପ୍ରଫେସନାଲ୍ ଓ ୧୩୦+ ହସ୍ପିଟାଲ୍‌କୁ ଟ୍ରେନିଂ, ଫଣ୍ଡିଂ ଓ ସମ୍ପଦ ଯୋଗାଇ ସ୍ଥାନୀୟ ସମୁଦାୟରେ ୧୦୦% ମାଗଣା କ୍ଲେଫ୍ଟ ଚିକିତ୍ସା ସୁବିଧା ପ୍ରଦାନରେ ସକ୍ଷମ କରିଛୁ। ଏହି ପ୍ରୟାସ ସ୍ଥାୟୀ, ଦୀର୍ଘସ୍ଥାୟୀ ଓ ଦୃଢ଼ ପ୍ରଭାବ ସୃଷ୍ଟି କରୁଛି। ରାଉରକେଲା ଓ ଆଖ ପାଖ ଅଂଚଳର ଶିଶୁମାନଙ୍କ ପାଇଁ ସହଯୋଗ କରିବାରେ ଜୟପ୍ରକାଶ ହସ୍ପିଟାଲ୍ ସହିତ ଏହି ଭାଗିଦାରୀ ପାଇଁ ଆମେ ଅତ୍ୟନ୍ତ ଖୁସି।

# କଗ୍ନିଜାଂଟର ନେକ୍ସଟ-ଜେନ ସାଇବର ଡିଫେନ୍ସ ସେଂଟର ଉନ୍ମୋଚିତ

ଭୁବନେଶ୍ୱର, ୧୭।୧୨ (ନି.ପ୍ର) : କଗ୍ନିଜାଂଟ(ଏନଏଏସଡିଏକ୍ୟୁ ସିଟିଏସଏଚ) ପକ୍ଷରୁ ବେଙ୍ଗାଲୁରୁଠାରେ ଏହାର ନେକ୍ସଟ-ଜେନ୍ ସାଇବର ଡିଫେନ୍ସ ସେଂଟର (ସିଡିସି)ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ସେଂଟର କମ୍ପାନୀର ବିଶ୍ୱସ୍ତରୀୟ ସିଡିସି ନେଟୱର୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଏହା କଗ୍ନିଜାଂଟର ସର୍ବବୃହତ ସେଂଟର ଅଟେ। ଏହାକୁ ବିଶ୍ୱବ୍ୟାପୀ କମ୍ପାନୀର ଗ୍ରାହକମାନଙ୍କୁ ଅତ୍ୟାଧୁନିକ ଏଆଇ ଚାଳିତ ପ୍ଲାଟ୍‌ଫର୍ମ କେନ୍ଦ୍ରିତ ସାଇବର ସୁରକ୍ଷା ପରିଚାଳିତ ସେବା, ଇଜିନିୟରିଂ ଓ ଟ୍ରାନ୍ସଫରମେଶନ ସେବା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। କଗ୍ନିଜାଂଟର ଦୀର୍ଘକାଳିନ ଅଭିଜ୍ଞତା ସହିତ ଏକ ମଜବୁତ ସାଇବର ସୁରକ୍ଷା ପଦ୍ଧତି ରହିଛି ଯାହା ଗଭୀର ପାରଦର୍ଶିତା ଥିବା ଦକ୍ଷ ପେସାଦାରଙ୍କ ଦ୍ୱାରା ପରିଚାଳିତ ହେଉଛି। ବେଙ୍ଗାଲୁରୁ ସିଡିସିରେ ଏହି ବିଶେଷଜ୍ଞମାନେ ସାଇବର ଘଟଣାଗୁଡିକୁ ଦକ୍ଷତାର ସହ ନିରୀକ୍ଷଣ କରିବା ଓ ଶୀଘ୍ର ପ୍ରତିକ୍ରିୟା ଦେବା, ବିଭିନ୍ନ ଶିଳ୍ପ ଓ ଭୌଗୋଳିକ ସ୍ଥାନର ଗ୍ରାହକମାନଙ୍କୁ ସହଯୋଗ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସେଂଟରରେ ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀଗୁଡିକ ସହ ରଣନୈତିକ ସହଭାଗିତା ଦ୍ୱାରା ସମର୍ଥିତ ଏକ ଇଂଟିଗ୍ରେଟେଡ ଥ୍ରେଟ ରିସର୍ଚ୍ଚ ଲ୍ୟାବ ରହିଛି।



ଏସମ୍ପର୍କରେ କଗ୍ନିଜାଂଟର ସିଇଓ ରବି କୁମାର ଏସ୍ କହିଛନ୍ତି, 'ବେଙ୍ଗାଲୁରୁରେ ଆମର ନୂଆ ସାଇବର ଡିଫେନ୍ସ ସେଂଟର ବୁଦ୍ଧିମତା-ଆଧାରିତ ସାଇବର ସୁରକ୍ଷା ନିର୍ମାଣ ଓ ପରିଚାଳନା ସେବା ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଯାହା ଗ୍ରାହକଙ୍କୁ ଆଧୁନିକ ସାଇବର ସୁରକ୍ଷା ବିପଦଗୁଡିକୁ ଆକଳନ କରିବା, ପ୍ରତିରୋଧ କରିବା ଓ ହ୍ରାସ କରିବାରେ ସାହାଯ୍ୟ କରିବ। ବେଙ୍ଗାଲୁରୁ ସିଡିସିକୁ ଏକ ମଲ୍ଟି-ଲେୟରଡ ଟେକ୍ନୋଲୋଜି ଆର୍କିଟେକ୍‌ଚର ଆଧାରରେ ନିର୍ମାଣ କରାଯାଇଛି ଯାହା ଆଧୁନିକ ସାଇବର ସୁରକ୍ଷା କ୍ଷମତା ପ୍ରଦାନ କରିବା ପାଇଁ ଟେକ୍ନୋଲୋଜି ପାର୍ଟନରମାନଙ୍କର ଶିଳ୍ପ-ଅଗ୍ରଣୀ ପ୍ଲାଟଫର୍ମଗୁଡିକ ସହିତ କଗ୍ନିଜାଂଟ ନ୍ୟୁରୋ ସାଇବରସିକ୍ୟୁରିଟି ଭଳି କଗ୍ନିଜାଂଟର ନିଜସ୍ୱ ଉଦ୍ଭାବନଗୁଡିକୁ ଏକୀକୃତ କରିଛି। ଏହି ସେଂଟର ପରବର୍ତ୍ତୀ ପିଢିର ସାଇବରସିକ୍ୟୁରିଟି ପ୍ରଫେସନାଲମାନଙ୍କୁ ପ୍ରଶିକ୍ଷିତ କରିବା ଲାଗି ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକ ସହ ସହଭାଗିତା କରିଛି। ଏହାର ସାଇବର ଡିଫେନ୍ସ ସେଂଟରଗୁଡିକର ଆନ୍ତର୍ଜାତୀୟ ନେଟୱର୍କ ମାଧ୍ୟମରେ କଗ୍ନିଜାଂଟ ବିସ୍ତୃତ ଉଦ୍ୟୋଗିକ ସାଇବର ସୁରକ୍ଷା ସେବା ପ୍ରଦାନ କରିବା, ଗ୍ରାହକଙ୍କୁ ବିପଦ ସ୍ଥିରତା ନିର୍ମାଣ କରିବାରେ ସହଯୋଗ କରିବା ସହ ସାଇବର ପ୍ରତିରକ୍ଷା ରଣନୀତି କ୍ଷେତ୍ରରେ ଉଦ୍ଭାବନକୁ ଆଗକୁ ବଢ଼ାଇବା ପାଇଁ ନିଜର କ୍ଷମତା ବିସ୍ତାର କରୁଛି।

# ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ରିଫାଇନାରୀ କ୍ଷମତାକୁ ୫ ଏମଟିପିଏ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛି

ଭୁବନେଶ୍ୱର, ୧୭।୧୨ (ନି.ପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସଫଳତାର ସହିତ ଏହାର ଲାଞ୍ଜିଗଡ଼ ରିଫାଇନାରୀ କାର୍ଯ୍ୟକୁ ବାର୍ଷିକ ୫ ନିୟୁତ ଟନ୍ (ଏମଟିପିଏ) ପର୍ଯ୍ୟ' ବୃଦ୍ଧି କରିଛି, ଯାହା କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ଐତିହାସିକ ପଦକ୍ଷେପ ଏବଂ ଆଲୁମିନିୟମରେ ଭାରତର ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ସମ୍ପ୍ରସାରଣ ସହିତ, ବେଦାନ୍ତ ଲାଞ୍ଜିଗଡ଼ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଆଲୁମିନା ରିଫାଇନାରୀ (ପୂର୍ବ ଚୀନ୍) ଭାବରେ ସ୍ଥାନ ପାଇଛି, ଯାହା ଭାରତର ମୋଟ ଆଲୁମିନା ରିଫାଇନାରୀ କ୍ଷମତାକୁ ପ୍ରାୟ ୧୩ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରିଛି ଏବଂ ଦେଶକୁ ବିଶ୍ୱ ସ୍ତରରେ ତୃତୀୟ ସର୍ବବୃହତ ଉତ୍ପାଦକ ଭାବରେ ସ୍ଥାନିତ କରିଛି। ଲାଞ୍ଜିଗଡ଼ ସୁବିଧା କେବଳ ଭାରତର ମୋଟ ଆଲୁମିନା ଉତ୍ପାଦନର ୩୮% ଯୋଗଦାନ କରିଥାଏ ଏବଂ ଏହା ଏବେ ଦେଶର ସର୍ବବୃହତ ଏକକ-ସ୍ଥାନ ଆଲୁମିନା ରିଫାଇନାରୀ ଭାବରେ ଉଭାହୋଇଛି।

ଏହି ମାଇଲଖୁଂଟ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆଲୁମିନିୟମ ଇକୋସିଷ୍ଟମ ଗଠନ ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି, କାରଣ ଭିତିଭୂମି, ଅଟୋମୋଟିଭ୍ ଏବଂ ଇଭି, ନବୀକରଣୀୟ ଶକ୍ତି, ନିର୍ମାଣ, ରେଳବାଇ ଏବଂ ମହାକାଶ ଭଳି କ୍ଷେତ୍ରଗୁଡ଼ିକରେ ଘରୋଇ ଚାହିଦା ବୃଦ୍ଧି ପାଉଛି।



ସମାନ୍ତରାଳ ଭାବରେ, ରିଫାଇନାରୀ ନଭେମ୍ବର ମାସରେ ଏହାର ସର୍ବାଧିକ ମାସିକ ଆଲୁମିନା ଉତ୍ପାଦନ ୨୫୪ କେଟି ହାସଲ କରିଛି, ଯାହା ମାସ-ପ୍ରତି-ମାସ ୮% ବୃଦ୍ଧି ଏବଂ ବର୍ଷ-ପ୍ରତି-ବର୍ଷ ପ୍ରଭାବଶାଳୀ ୬୮% ଅଭିବୃଦ୍ଧି ଦର୍ଶାଇଛି। ଏହି ରେକର୍ଡ ଉତ୍ପାଦନ ନିରନ୍ତର କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ଶୃଙ୍ଖଳିତ କାର୍ଯ୍ୟାନ୍ୱୟନକୁ ପ୍ରତିଫଳିତ କରେ, ଯେଉଁଥିରେ ୭୦୦ ରୁ ଅଧିକ ରେକ୍ ପରିଚାଳନା, ଗୋଟିଏ ମାସରେ ସର୍ବାଧିକ, ୨୦ ମାସରେ ସର୍ବନିମ୍ନ ନିର୍ଦ୍ଦିଷ୍ଟ ଶକ୍ତି ବ୍ୟବହାର ହାସଲ କରିବା ଏବଂ ଅପ୍ଟିମାଇଜ୍ ପ୍ରକ୍ରିୟା ଏବଂ ସମ୍ବଳ ଦକ୍ଷତା ମାଧ୍ୟମରେ ପରିବର୍ତ୍ତନ ଖର୍ଚ୍ଚକୁ ୧୮ ମାସର ସର୍ବନିମ୍ନକୁ ହ୍ରାସ କରିବା ଅନ୍ତର୍ଭୁକ୍ତ ଅଟେ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଆଲୁମିନିୟମ ଏକ ରଣନୈତିକ ଧାତୁ, ଯାହା ଭାରତର ଶିଳ୍ପ ଅଭିବୃଦ୍ଧି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣର କେନ୍ଦ୍ର। ଆମର ଲାଞ୍ଜିଗଡ଼ କାର୍ଯ୍ୟକୁ ୫ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରିବା ଉଭୟ କ୍ଷମତା ମାଇଲଖୁଂଟ ଏବଂ ଏକ ସ୍ଥିର, ବିଶ୍ୱସ୍ତରୀୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳ ଆଡ଼କୁ ଏକ ପଦକ୍ଷେପ। ରେକର୍ଡ ମାସିକ ଆଉଟପୁଟ୍ ଦ୍ୱାରା ପ୍ରମାଣିତ ଆମର ବୃଦ୍ଧି, ରାଷ୍ଟ୍ର ପାଇଁ ଦାୟିତ୍ୱପୂର୍ଣ୍ଣ ସମ୍ବଳ ବିକାଶ, ନବସୃଜନ ଏବଂ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଆହୁରି କହିଛନ୍ତି, 'ଏହି ସଫଳତା ଆମ ଦଳଗୁଡ଼ିକର ଉତ୍ସର୍ଗତା ଏବଂ ଇଜିନିୟରିଂ ଉତ୍କର୍ଷତାର ପ୍ରମାଣ। ଧାରଣାରୁ କମିଶନିଂ ପର୍ଯ୍ୟନ୍ତ, ବିସ୍ତାରର ପ୍ରତ୍ୟେକ ପର୍ଯ୍ୟାୟ ସଠିକତା, ଚପଳତା ଏବଂ ସହଯୋଗ ଦ୍ୱାରା ପରିଚାଳିତ ହୋଇଛି। ଆମେ ପ୍ରକ୍ରିୟାଗୁଡ଼ିକୁ ତୀକ୍ଷ୍ଣ କରିବା, ଦକ୍ଷତା ବୃଦ୍ଧି କରିବା ଏବଂ ସ୍କେଲରେ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ଆମର ଶୂନ୍ୟ କ୍ଷତି ସଂସ୍କୃତିକୁ ବଜାୟ ରଖିବା ଜାରି ରଖିଛୁ। ୨ ଏମଟିପିଏ ଗ୍ରୀନଫିଲ୍ଡ ସୁବିଧା ଭାବରେ ଆରମ୍ଭ କରି, ଲାଞ୍ଜିଗଡ଼ ରିଫାଇନାରୀ ୨୦୨୦ ରେ ଏକ ମହତ୍ୱାକାଂକ୍ଷୀ ସମ୍ପ୍ରସାରଣ ଯାତ୍ରା ଆରମ୍ଭ କରିଥିଲା। ଶିଳ୍ପ ଅଭିବୃଦ୍ଧି ବ୍ୟତୀତ, ବେଦାନ୍ତ ଆଲୁମିନିୟମ ସାମୁଦାୟିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡା ଏବଂ ଦକ୍ଷତା-ନିର୍ମାଣ ପଦକ୍ଷେପକୁ ଆଗକୁ ବଢାଇବା ଜାରି ରଖିଛି, ଏହା ସୁନିଶ୍ଚିତ କରୁଛି ଯେ ଶିଳ୍ପର ପ୍ରଗତି ଲୋକଙ୍କ ପ୍ରଗତି ସହିତ ହାତ ମିଳାଇ ଆଗକୁ ବଢିବ।

# ଫୁଲଚାଷ ପ୍ରକଳ୍ପ ପାଇଁ ଆଦିତ୍ୟ ଆଲୁମିନିୟମ ଓ ଉଦ୍ୟାନ କୃଷି ବିଭାଗ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର, ୧୭।୧୨ (ନି.ପ୍ର) : ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଏହାର ଜାରି ରହିଥିବା ଗୋଷ୍ଠୀ ବିକାଶ ପ୍ରୟାସସମୂହର ଅଂଶ ଭାବରେ ଓଡ଼ିଶା ସରକାରଙ୍କର ଉଦ୍ୟାନ କୃଷି ବିଭାଗ ସହିତ ଏକ ସ୍ୱତନ୍ତ୍ର ଫୁଲଚାଷ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବୁଝାମଣା ପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛି।

ଏହି ବୁଝାମଣା ପତ୍ରରେ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ୟୁନିଟ୍ ହେଡ ଶ୍ରୀ ଜଗନ୍ନାଥ ପ୍ରସାଦ ନାୟକ ଏବଂ ଡିଆରଡିଏ ସମ୍ବଲପୁରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ (ଏଡିଏଚ) ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସମେତ ଉଦ୍ୟାନ କୃଷି ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ଶ୍ରୀ ବିନୋଦ ନନ୍ଦ ଠାକୁର, ହେଡ୍-ଏଚଆର; ରବି ନିୱାଶ, ହେଡ୍-ସିଏସଆର; ଏବଂ ମନୋରଞ୍ଜନ ବେହେରା, ଡେପୁଟି ମ୍ୟାନେଜର-ସିଏସଆରଙ୍କ ସମେତ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ବରିଷ୍ଠ ପ୍ରତିନିଧିଗଣ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଚ୍ଚ-ଗୁଣମାନର କଟ୍ ଫୁଲ ନିମନ୍ତେ ବଜାର ଦ୍ରୁତ ସମ୍ପ୍ରସାରିତ ହେଉଥିବାବେଳେ ତାହାର ସୁଯୋଗ ନେବାକୁ ଏହି ପ୍ରକଳ୍ପ ଏକ ସମନ୍ୱିତ ଫୁଲଚାଷ ପ୍ରୟାସ ଭାବରେ ଜରବେରା ଚାଷ ଉପରେ ଦୃଷ୍ଟିନିବଦ୍ଧ କରୁଛି। ସମ୍ବଲପୁରର ଅନୁକୂଳ ଜଳବାୟୁ ଓ ମୃତ୍ତିକା ପରିବେଶର ସୁଯୋଗ ନେଇ ଏହି ପ୍ରୟାସ ପଲିହାଉସ୍ ଚାଷ, ସିଞ୍ଚା ଜଳସେଚନ ଏବଂ ଫର୍ଟିଗେସନ୍ ଭଳି ଆଧୁନିକ ପ୍ରଯୁକ୍ତି ଜରିଆରେ ଅଧିକ ଉତ୍ପାଦନ ଏବଂ ନିରନ୍ତର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ସୁରକ୍ଷିତ ବ୍ୟବସ୍ଥାରେ ଫୁଲ ଚାଷକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ବିବାହ, ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସହରାଞ୍ଚଳ ରିଟେଲ ବଜାରରେ ବର୍ଦ୍ଧିତ ଚାହିଦା ସହିତ ଜରବେରା ଫୁଲ ଚାଷ କୃଷକମାନଙ୍କ ପାଇଁ ଏକ ଲାଭଜନକ, ବର୍ଷ ତମାମ ଆୟକାରୀ ସୁଯୋଗ ଯୋଗାଇ ଦେଉଛି। ଏହି ପ୍ରକଳ୍ପକୁ ଜୁଜୁମୁରା ଗ୍ରାମପଞ୍ଚାୟତରେ ମହିଳାମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରିବା, ବୈଷୟିକ ଦକ୍ଷତା ବୃଦ୍ଧି ଏବଂ ଦୀର୍ଘସ୍ଥାୟୀ କୃଷି ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକ ପରିମାଣାତ୍ମକ, ଉଚ୍ଚ-କୁଶଳୀ ଫୁଲ ଚାଷ ମଡେଲ ଭାବରେ ପରିକଳ୍ପନା କରାଯାଉଛି। ଏହି ପ୍ରୟାସ ଏମ୍‌ଆଇଡିଏଚ୍ ସବ୍‌ସିଡି ଏବଂ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ଉକ୍ତ ଅଞ୍ଚଳରେ ଦୀର୍ଘାବଧି ଜୀବିକା ପରିବର୍ଦ୍ଧନ ଏବଂ ସମାବେଶୀ ଗ୍ରାମାଞ୍ଚଳ ଅଭିବୃଦ୍ଧି କ୍ଷେତ୍ରରେ ଅବଦାନ ରଖୁଥିବା ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମଗୁଡିକର ସମର୍ଥନରେ କାର୍ଯ୍ୟକାରୀ କରାଯିବ।

# ସେଲ୍ ପକ୍ଷରୁ ସିନର୍ଜୀ ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ

ରାଉରକେଲା, ୧୭।୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ଜନାଜାତିୟ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ପ୍ରୟାସ ସ୍ୱରୂପ କୁଆଁରମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାଇକେନବାହାଲ ଗ୍ରାମରେ ଡିସେମ୍ବର ୧୫ ତାରିଖ ଦିନ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୩୦ ଟି ନୃତ୍ୟ ଦଳ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି ମହୋତ୍ସବର ଉଦଯାପନୀ ସମାରୋହରେ ଆରଏସପିର ଖଣି ଓଜିଓଏମ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଣି ବିଭାଗର ଜିଏମ ତିଳକ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଏହି ଅବସରରେ ସି ଏସ ଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଡିଜିଏମ, ଟି.ବି. ଟପ୍ପୋଙ୍କ ସମେତ ସି ଏସଏସ ଆର ବିଭାଗର ଅନ୍ୟ ବହୁ ଅଧିକାରୀ, ଏସଏଚଜି ଗ୍ରୁପ ସଦସ୍ୟ ତଥା ଉକ୍ତ ଗ୍ରାମର ବହୁ ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଏମ. ପି. ସିଂହ ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟର ସାଂସ୍କୃତିକ ପରିଚୟ ସଂରକ୍ଷଣରେ ଲୋକ ପରମ୍ପରାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସ୍ଥାନୀୟ କଳାକାରମାନଙ୍କୁ ଏକ ମଞ୍ଚ ପ୍ରଦାନ କରିବାରେ ସିଏସଆର ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ।



# ରିଲାଏନ୍ସ ପକ୍ଷରୁ 'ଏସଆଇଏଲ' ବ୍ରାଣ୍ଡର ଏକ ନୂତନ ସ୍ୱାଦ ଏବଂ ଶୈଳୀରେ ଶୁଭାରମ୍ଭ

ବେଙ୍ଗାଲୁରୁ, ୧୭।୧୨ (ନି.ପ୍ର): ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏଫଏମସିଜି କମ୍ପାନୀ ରିଲାଏନ୍ସ କ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଆରସିପିଏଲ) ୭୫ ବର୍ଷ ପୁରୁଣା ପ୍ରସିଦ୍ଧ ଫୁଡ୍ ବ୍ରାଣ୍ଡ ଏସଆଇଏଲ କୁ ଏକ ନୂତନ ଅବତାରରେ ପୁନଃ ଶୁଭାରମ୍ଭ କରିଛି। ଏହା ସହିତ, ରିଲାଏନ୍ସ ପ୍ୟାକେଜ୍ଡ ଖାଦ୍ୟସାମଗ୍ରୀ କ୍ଷେତ୍ରରେ ଦୃଢ଼ ଭାବରେ ନିଜର ପାଦ ସ୍ଥାପନ କରିଛି। କମ୍ପାନୀ ଏସଆଇଏଲକୁ ଏହାର ପ୍ରମୁଖ ଖାଦ୍ୟସାମଗ୍ରୀ ବ୍ରାଣ୍ଡ କରିଛି। କମ୍ପାନୀ ଅନୁଯାୟୀ, ଏସଆଇଏଲ ନୁଡୁଲ୍ସର ଏକ ନୂତନ ରେ ଲଞ୍ଚ କରୁଛି। ୫ ଟଙ୍କାରୁ ଆରମ୍ଭ ହେଉଥିବା ଏହି ରେଞ୍ଜରେ ମସଲା, ଆଟା ଉଇଥ ଭେଜିଜ୍, କୋରିଆନ୍ କେ-ଫାୟାର ଏବଂ ଚାଉ-ଚାଉ ଭଳି ୪ଟି ଭାରିଆଣ୍ଟ ଉପଲବ୍ଧ ହେବ। ପ୍ରକୃତ ଟମାଟୋରୁ ତିଆରି ଏସଆଇଏଲ କେଚଅପ୍ କୌଣସି କୃତ୍ରିମ ରଙ୍ଗ କିମ୍ବା ସିନଥେଟିକ୍ ଉପାଦାନ ବିନା ପ୍ରସ୍ତୁତ ହେବ ଏବଂ ଏହାର ପ୍ରାରମ୍ଭିକ ମୂଲ୍ୟ ଏକ ଟଙ୍କା ରଖାଯାଇଛି। ଏହା ସହିତ, ଆଠଟି ଫଳରୁ ପ୍ରସ୍ତୁତ ଏସଆଇଏଲ ମିକ୍ସଡ଼ ଫଳ ଜାମ୍ ର ପ୍ରାରମ୍ଭିକ ମୂଲ୍ୟ ୨୨ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏହା ୧୦୦ ଗ୍ରାମ, ୨୦୦ ଗ୍ରାମ ଏବଂ ୫୦୦ ଗ୍ରାମ ପ୍ୟାକ୍ ରେ ଉପଲବ୍ଧ ହେବ। କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଏଥିରେ ୨୨ ପ୍ରତିଶତ ଅଧିକ ଫଳ ଅଂଶ ରହିବ।




ରିଲାଏନ୍ସ କ୍ୟୁମର ପ୍ରଡକ୍ଟସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, 'ଏସଆଇଏଲ ର ପୁନଃ ଶୁଭାରମ୍ଭ ଆରସିପିଏଲର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏସଆଇଏଲ ମାଧ୍ୟମରେ, ଆମେ ପ୍ୟାକେଜ୍ ହୋଇଥିବା ଖାଦ୍ୟ କ୍ଷେତ୍ରରେ ଏକ ଦୃଢ଼ ତଥା ପ୍ରତି ଘରେ ପହଞ୍ଚୁଥିବା ଖାଦ୍ୟ ପୋର୍ଟଫୋଲିଓ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛୁ।

ଏସଆଇଏଲ ହେଉଛି ଐତିହ୍ୟ, ଭାରତୀୟତା ଏବଂ ନବସୃଜନର ମିଶ୍ରଣ ଯାହା ବିଶ୍ୱକୁ ଉଚ୍ଚ-ଗୁଣବତ୍ତା, ସୁଲଭ ଖାଦ୍ୟ ଉତ୍ପାଦ ପ୍ରଦାନ କରିବ। ସାମଗ୍ରିକ ଭାବରେ, ଏସଆଇଏଲର ପ୍ରତ୍ୟାବର୍ତ୍ତନ ପୁରୁଣା ସ୍ୱାଦ ସହିତ ଆଧୁନିକ ଗୁଣବତ୍ତା ଏବଂ ସୁଲଭ ମୂଲ୍ୟ ଖୋଜୁଥିବା ଗ୍ରାହକମାନଙ୍କ ପାଇଁ ଏକ ବିଶେଷ ମହତ୍ତ୍ୱ ରଖୁଛି। ୭୫ ବର୍ଷର ଐତିହ୍ୟ ସହିତ, ଏସଆଇଏଲ ପୁଣି ଥରେ ଭାରତୀୟ ରୋଷେଇ ଘରେ ଏକ ଦୃଢ଼ ଉପସ୍ଥିତି ଜାହିର କରିବାକୁ ପ୍ରସ୍ତୁତ।



# ଋଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲ୍ଲା କୃଷକ ସଂଘ ଗଠିତ



**ବଲାଙ୍ଗିର, ୧୭।୧୨ (ନି.ପ୍ର):** ବଲାଙ୍ଗିର ଜିଲ୍ଲାର କୃଷକ ଏବଂ କୃଷକ ନେତାମାନଙ୍କୁ ନେଇ ବଲାଙ୍ଗିର ରେ ଏକ ଜରୁରୀ କାଳିନ ବୈଠକ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଜିଲ୍ଲାରେ କୃଷି ଏବଂ କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଋଷୀମାନେ ସରକାର ଙ୍କ କୃଷି ମାରଣ ନୀତିକୁ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ । ବର୍ତ୍ତମାନ ସ୍ଥିତିରେ ଋଷୀମାନେ ନାହିଁ ନ ଥିବା ହେଉଥିବା ଅସୁବିଧାର ନିରାକରଣ ପାଇଁ ଏକ କୃଷକ ସଂଘ ଜରୁରି ମନେ କରି ଋଷୀ ଏବଂ ଋଷୀ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ । ସର୍ବସମ୍ମତିକ୍ରମେ ଉକ୍ତ ପ୍ରସ୍ତାବ କୁ ଗ୍ରହଣ କରି ଜିଲ୍ଲା କୃଷକ ସଂଘ, ବଲାଙ୍ଗିର ନାମରେ ଏକ ଋଷୀ ସଂଗଠନ ଗଠନ କରାଗଲା ଏବଂ ସର୍ବସମ୍ମତି କ୍ରମେ ସାନନ୍ଦ କୁମାର ମିଶ୍ରଙ୍କୁ ପ୍ରଥମ ଅଧକ୍ଷ ଭାବେ ମନୋନିତ କରାଗଲା । ସେହି ପରି ଉପ-ସଭାପତି ସୋମନାଥ ପଟେଲ, ସଂପାଦକ ସରୋଜ ରଥ, ସହ-ସଂପାଦକ ଶ୍ରୀଧର ବାରିକ, କୋଷାଧକ୍ଷ ସରୋଜ ପ୍ରଧାନ ରହିଥିବା ବେଳେ ଉପଦେଷ୍ଟା କମିଟିରେ ଆଇନଜିବୀ ଉମାକାନ୍ତ ସାହୁ, ପ୍ରଦୀପ ପଣ୍ଡା, ରାମଜୀ ଚୌଧୁରି, ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନି, ଅସୀତ ମିଶ୍ର, ଅଜୟ ବାଲି, ମନମୋହନ ପଟେଲ, ଦେବହରି ବାଗ, ସଂକିର୍ତ୍ତନ ବାଗ, କାନ୍ତେଶ୍ୱର ପଧାନ, ପ୍ରଫୁଲ୍ଲ ଦାଶ, ଅନନ୍ତ ଚୌହାନ, ରାଜ କିଶୋର ବାବୁ ପ୍ରମୁଖ ରହିଥିବା ବେଳେ କାର୍ଯ୍ୟକାରିଣୀ କମିଟିରେ ମନୋଜ ସାଏ, ସରୋଜ ଡାଙ୍ଗ, ସ୍ୱଦିପ ପଟ୍ଟନାୟକ, ଜ୍ୟୋତିଷ ମୁଗ୍ରୀ, ହିମାଂଶୁ ନନ୍ଦ, ବଜରଂଜ ଅମାତ, ହରି ନନ୍ଦ, ମୟ ପ୍ରଧାନୀ, କିଶୋର ସିଂ ନିନା, ଅଜିତ ସାହୁ ପ୍ରମୁଖ ରହିଛନ୍ତି ।

# ପାରାଦୀପରେ ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀ ବୈଠକ

## ଜରୁରୀକାଳୀନ ପ୍ରସ୍ତୁତି ଉପରେ ଗୁରୁତ୍ୱ

**ପାରାଦୀପ, ୧୭।୧୨ (ନି.ପ୍ର):** ପାରାଦୀପ ଶିଳ୍ପାଞ୍ଚଳର ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀ ର ବୈଠକ ଗତ ଡିସେମ୍ବର ୧୫ ତାରିଖରେ ପାରାଦୀପ ସର୍କିଟହାଉସ ଠାରେ ଅନୁଷ୍ଠିତ ହୋଇଯାଇଅଛି । ୨୦୧୮ ମସିହା ପରେ ଏହି ସଭା ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା ।



ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ଅଧକ୍ଷତାରେ ଆୟୋଜିତଏହି ସଭାରେ ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀର ସଦସ୍ୟ ସଚିବ ଓ ସହ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର, ଚନ୍ଦ୍ର ଶେଖର ବେହେରା, ମନୋଜ କୁମାର ପଣ୍ଡା, ଉପ-ନିର୍ଦ୍ଦେଶକ, କାରଖାନା, କଟକ ଡିଭିଜନ, ଅଭିଷେକ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ପୌରପାଳିକା, ବିଜୁ ମେମୋରିଆଲ୍ ହସ୍ପିଟାଲର ଡାକ୍ତର, କୁଜଙ୍ଗ ଅଗ୍ନିଶମ ବିଭାଗର ଅଧିକାରୀ, ୯ଟି ଏମଏଏଚ କାରଖାନାର ପ୍ରତିନିଧିମାନେ ଏବଂ ୦୭ଟି ୨ସିବି କାରଖାନାର ପ୍ରତିନିଧି ମାନଙ୍କ ସହ ଅନ୍ୟାନ୍ୟ ସ୍ଥଓନୀୟ ଅପାତ କାଳୀନ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ।

ଏହି ସଭାର ଉଦ୍ଦେଶ୍ୟକୁ ପାୱାର ପଏଣ୍ଟ ପ୍ରେଜେନ୍ଟେସନ୍ ମାଧ୍ୟମରେ ଉପସ୍ଥାପନ କରାଯାଇ, ଜିଲ୍ଲା ସ୍ତରର ଆପତ୍କାଳୀନ ପ୍ରସ୍ତୁତିକୁ ମଜବୁତ କରିବା, ରସାୟନିକ ଶିଳ୍ପ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ଏବଂ ସମସ୍ତ ସଂପୃକ୍ତ ପକ୍ଷମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲ । ସଭାର ଆରମ୍ଭରେ ସହ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ ପାରାଦୀପ ଜୋନ୍- ଏବଂ - ସଦସ୍ୟ ସଚିବ, ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ ସ୍ଥାନୀୟ ଅପାତକାଳୀନ ଅଧ୍ୟକ୍ଷଙ୍କ ପ୍ରାରମ୍ଭିକ ଅଭିଭାଷଣ ସହ କଟକ ଡିଭିଜନର ଉପ-ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ ଙ୍କ ଦ୍ୱାରା ମୁଖ୍ୟ ବକ୍ତବ୍ୟ ପ୍ରଦାନ କରା ଯାଇଥିଲା । ସହ ନିର୍ଦ୍ଦେଶକ, କାରଖାନା ଏବଂ ବଏଲର୍, ପାରାଦୀପ ଜୋନ୍ ତଥା ସଦସ୍ୟ ସଚିବ, ଅପାତକାଳୀନ ଙ୍କ ଦ୍ୱାରା ସ୍ଥାନୀୟ ସଂକଟ ଗୋଷ୍ଠୀର ଉଦ୍ଦେଶ୍ୟ ଓ ଭୂମିକା ବିଷୟରେ ଏକ ପ୍ରସ୍ତୁତିକରଣ କରାଯାଇଥିଲା । ଏବଂ ଏହି ସଭାରେ ତିନୋଟି ଏମଏଏଚ ଶିଳ୍ପ ଇଫକୋ, ପିପିଏଲ ଓ ଆଇଓସିଏଲ ତୈଳ ବିଶୋଧନାଗାର ଏବଂ ଗୋଟିଏ ୨ସିବି କାରଖାନା ଏଏମଏନଏସ ନିଜ ନିଜ କାରଖାନାର ବିପଦ ପୂର୍ଣ୍ଣ ପରିସ୍ଥିତି ଓ ନିବାରଣ ବ୍ୟବସ୍ଥା ସମ୍ପର୍କରେ ପ୍ରସ୍ତୁତିକରଣ କରିଥିଲେୟ ପରେ ଅଧକ୍ଷଙ୍କ ଅନୁମତି ସହ ଆପତକାଳୀନ ସମ୍ପର୍କିତ ବିଭିନ୍ନ ବିଷୟ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସଦସ୍ୟମାନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା କରା ଯାଇଥିଲା । ସଭାର ଶେଷରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀର ସଦସ୍ୟ ମାନଙ୍କୁ ସଭାରେ ଆଲୋଚିତ ବିଷୟଗୁଡ଼ିକ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଅପାତକାଳୀନ ପ୍ରସ୍ତୁତି ଓ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଇଫକୋ ମୁଖ୍ୟ ସୁରକ୍ଷା ଅଧିକାରୀ ଆର୍.କେ.ସ୍ୱାଇଁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରୁଷିକୂଲ୍ୟା ରୟତ ମହାସଭାର ଧାନକିଣା ସଚେତନତା ବୈଠକ

**କୋଦଳା, ୧୭/୧୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା କୋଦଳା ବିଜେ ବାବା ଶ୍ରୀ ଦଣ୍ଡେଶ୍ୱର ମହାଦେବ ଙ୍କ ମନ୍ଦିର ପୀଠରେ ରୁଷିକୂଲ୍ୟା ରୟତ ମହାସଭାର ଧାନମଣ୍ଡି ସମ୍ପର୍କିତ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଧାନକିଣା ସଚେତନତାକୁ ନେଇ ଅନୁଷ୍ଠିତ ଉକ୍ତ



ବୈଠକରେ ରୁଷିକୂଲ୍ୟା ରୟତ ମହାସଭାର ସଂପାଦକ ସିମାଞ୍ଚଳ ନାହାକ, ଆବାହକ ବିଜୟ ସ୍ୱାଇଁ,ସମେତ କୋଦଳା ଅଞ୍ଚଳର ବହୁ ଋଷୀ ଉପସ୍ଥିତ ଥିଲେୟ ବର୍ତ୍ତମାନ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ଅମଳ ହୋଇ ସାରିଛି । ସରକାର ମଣ୍ଡି ମାଧ୍ୟମରେ କିପରି ସମସ୍ତ ଧାନ କିଣିବେ ସେ ନେଇ ସଚେତନତା କରାଯିବା ସହ ପ୍ରତି ସୋସାଇଟିରେ ଗୋଟିଏ ଗୋଟିଏ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ଋଷୀଙ୍କର ଧାନ କିଣା ସମସ୍ୟା ଓ ଫସଲ ବୀମା ସମସ୍ୟାର ସମାଧାନ ପାଇଁ ଶତାଧିକ ଋଷୀ ଏକ ବିରାଟ ପଟୁଆର ରେ କୋଦଳା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ ଙ୍କୁ ପ୍ରଦାନ କରିଥିଲେ । ସୁବ୍ୟବସ୍ଥାକରଣ କରି ମଣ୍ଡି ଖୋଲାଯିବା ଏବଂ ସମସ୍ତ ଧାନ ମଣ୍ଡିରେ କ୍ରୟ କରିବା, ମଣ୍ଡିରେ ଯେପରି ଧାନ ନଷ୍ଟ ନହୁଏ ସେଥିପାଇଁ ବ୍ୟବସ୍ଥା କରିବା, ପ୍ରତି ଗ୍ରାମରେ ୩ ଜଣିଆ । ଧାନ କିଣା କମିଟି ଗଠନ, କଟନି ଛଟଣି ବନ୍ଦ କରାଯିବା, ସରକାରୀ ନିୟମ ଅନୁଯାୟୀ ଦୈନିକ ମଣ୍ଡିରେ ୧୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବା, ପ୍ରତିବର୍ଷ ଜିଲ୍ଲାରେ ଜାନୁଆରୀ ମାସରୁ ଧାନ କିଣା ଆରମ୍ଭ ହେଉଥିବାରୁ ଏହାର ଅବଧି ଏପ୍ରିଲ୍ ପର୍ଯ୍ୟନ୍ତ ବଢାଇବା, ଋଷୀଙ୍କ ସହାୟତା ପାଇଁ ବ୍ଲକରେ ଟୋଲ୍ ଫ୍ରି ନମ୍ବର ଜାରି କରିବା, ଫସଲ ବୀମା କରିଥିବା ଋଷୀ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ ସରକାରୀ ସହାୟତା ତଥା ବୀମା ରାଶି ପ୍ରଦାନ, ଏକର ପିଛା ୨୫ କୁଇଣ୍ଟାଲ ଧାନ କିଣିବା ପାଇଁ ବ୍ୟବସ୍ଥା କରାଯିବା, ତୁରନ୍ତ ଧାନମଣ୍ଡି ଖୋଲି ଧାନ ସଂଗ୍ରହ କରିବା, ଗତ ଡିସେମ୍ବର ୨୦୨୪ ଅଦିନିଆ । ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଋଷୀଙ୍କୁ କ୍ଷତିପୂରଣ ଆଦି ଦାବି କରିଛି ରୁଷିକୂଲ୍ୟା ରୟତ ମହାସଭା ।

# ଲାଲା କମଳାପତ ସିଂଘାନିଆଙ୍କ ୧୪୧ ତମ ଜନ୍ମବାର୍ଷିକୀ ଓ ପ୍ରତିଷ୍ଠାତା ଦିବସ

**ରାୟଗଡ଼ା, ୧୭।୧୨ (ନି.ପ୍ର):** ରାୟଗଡ଼ା ଜେକେ ପେପର ଲିମିଟେଡ୍, ପ୍ରତିଷ୍ଠାତା ସ୍ୱର୍ଗତ ଲାଲା କମଳାପତଜୀ ସିଂଘାନିଆଙ୍କ ୧୪୧ତମଜନ୍ମବାର୍ଷିକୀ ଓ ପ୍ରତିଷ୍ଠାତା ଦିବସ ପାଳିତ ଏହି କାର୍ଯ୍ୟକ୍ରମରେ ଜେକେ ସଂଗଠନର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ଏବଂ ମୁଖ୍ୟ ସ୍ଥପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଯାହାଙ୍କ ଅଗ୍ରଣୀ ଅବଦାନ ଆଧୁନିକ ଶିଳ୍ପ ଭାରତର ଅଭିବୃଦ୍ଧିରେ ଏକ ସ୍ଥାୟୀ ଛାପ ଛାଡ଼ିଛି । ଏହି ଅବସରରେ ସଂଗଠନର ସମୃଦ୍ଧ ଐତିହ୍ୟ, ମୂଳ ମୂଲ୍ୟବୋଧ ଏବଂ ଶ୍ରମର ମର୍ଯ୍ୟାଦା ଏବଂ ଲୋକ-କୈନ୍ଦ୍ରିକ ଅଭିବୃଦ୍ଧି ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରାଯାଇଥିଲା ଓ ଜେକେ ସଂଗଠନର ଦୃଢ଼ ବ୍ୟବସାୟିକ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ଓ ଉଲ୍ଲେଖ କରିଥିଲେ ଯେ ଏହି ଅନୁଷ୍ଠାନ ଏହାର ପ୍ରତିଷ୍ଠାତାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମୂଲ୍ୟବୋଧ ଏବଂ ଆଦର୍ଶ ଦ୍ୱାରା ପରିଚାଳିତ ହୋଇ ଋଲିଛି । ତତ୍ ସହ ମତ ଦେଇଥିଲେ ଯେ, ଏହି ନୀତିଗୁଡ଼ିକ ସମୟର ପରୀକ୍ଷାରେ ସଫଳ ହୋଇଛି ଏବଂ ସଂଗଠନକୁ ଏକ ସମ୍ମାନିତ ଏବଂ ବିଶ୍ୱସ୍ତ ବ୍ୟବସାୟିକ ଗୋଷ୍ଠୀରେ ପରିଣତ କରିଛି, ଯାହା ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଇଛି । ଲାଲା କମଳାପତଜୀ ସିଂଘାନିଆଙ୍କ ଏକ ଉକ୍ତିକୁ ମନେ ପକାଇ ଦିଆଯାଇଥିଲା, ଯାହା ତାଙ୍କ ନିଜ କାର୍ଯ୍ୟରୁ ପ୍ରାପ୍ତ ସମ୍ମାନ, ମର୍ଯ୍ୟାଦା ଏବଂ ପରିପୂର୍ଣ୍ଣତା ଉପରେ ବିଶ୍ୱାସକୁ ପ୍ରତିଫଳିତ କରିଥାଏ ।

ଜେକେ ସଂଗଠନ ପକ୍ଷରୁ, ମୁଖ୍ୟ ଅତିଥି, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ (କାର୍ଯ୍ୟ) ଶ୍ରୀ ବିନୟ ଦ୍ୱିବେଦୀଙ୍କୁ ଏକ ଉପଢୋକୋନ ଦେଇ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଓ ପଡ଼ୋଶୀ ଅଞ୍ଚଳର ବିଶିଷ୍ଟ ଅତିଥି, ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ କାର୍ଯ୍ୟନିର୍ବାହୀ, ୟୁନିଅନ ପ୍ରତିନିଧ, ଜେକେ ପି ଏମ୍ ଏବଂ ପି ଏ ପି ଆର ଆଇ ର କର୍ମଋରୀ, କର୍ମଋରୀ, ଶିକ୍ଷକ, ଛାତ୍ର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିକୁ ମଧ ସ୍ୱୀକୃତି ଏବଂ ପ୍ରଶଂସା କରାଯାଇଥିଲା । ସମାରୋହର ଆରମ୍ଭ ଜେକେ ଗ୍ରୁପର ବିଶ୍ୱସ୍ତରୀୟ ସଫଳତାକୁ ପ୍ରଦର୍ଶିତ କରୁଥିବା ଏକ ଅଡିଓ-ଭିଜୁଆଲ୍ ଉପସ୍ଥାପନା ହୋଇଥିଲା, ତା'ପରେ ମୁଖ୍ୟ ଅତିଥି ଏବଂ ପରିଋଳନା କର୍ତ୍ତୃପକ୍ଷ, ଶ୍ରମିକ ଏବଂ ୟୁନିଅନର ପ୍ରତିନିଧୀ ମାନେ ଲାଲା କମଳାପତଜୀ ସିଂଘାନିଆଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ



ଶ୍ରୀ ବିନୟ ଦ୍ୱିବେଦୀ, ସଭାପତି ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଦୀର୍ଘ ସେବା ପୁରସ୍କାର ପ୍ରଦାନ, ଯାହା ୧୯୬୬ ମସିହାରେ କର୍ମଋରୀଙ୍କ ସମର୍ପଣ ଏବଂ ବିଶ୍ୱସ୍ତତାକୁ ସ୍ୱୀକୃତି ଦେବା ପାଇଁ ଜେକେ ସଂଗଠନର ଏକ ଚିରସ୍ଥାୟୀ ପରମ୍ପରା ଥିଲା ଓ ମନେ ପକାଇ ଦିଆଯାଇଥିଲା ଯେ, ୨୦୨୪ ପର୍ଯ୍ୟନ୍ତ, ଜେକେ ସଂଗଠନରେ ମୋଟ ୨୦,୨୮୫ ଜଣ କର୍ମଋରୀଙ୍କୁ ସେମାନଙ୍କର ଦୀର୍ଘ ଏବଂ ପ୍ରଶଂସନୀୟ ସେବା ପାଇଁ ସମ୍ମାନିତ କରାଯାଇଛିୟ ଏହି ବର୍ଷ, ୨୦୦୦ ବ୍ୟାଚ୍ର ୧୩୪ ଜଣ କର୍ମଋରୀ ୨୫ ବର୍ଷ ସେବା ପୂରଣ କରିବା ପରେ ଦୀର୍ଘ ସେବା ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ, ଯେଉଁଥିରେ କାର୍ଯ୍ୟକ୍ରମରେ ଉପସ୍ଥିତ ୧୭ଜଣ ପୁରସ୍କାରପ୍ରାପ୍ତ ଥିଲେ ଓ ଏହା ସହିତ, ୪୦ ବର୍ଷ ସେବା ପୂରଣ କରିଥିବା କର୍ମଋରୀଙ୍କୁ ଲାଇଫଟାଇମ୍ ଆସୋସିଏସନ୍ ପୁରସ୍କାର ପ୍ରଦାନ କରାଯାଇଥିଲା ୟ ୨୦୨୪ ପର୍ଯ୍ୟନ୍ତ, ୧୨୩ ଜଣ କର୍ମଋରୀ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଛନ୍ତି, ୧୯୮୫ ବ୍ୟାଚ୍ର ୮ ଜଣ କର୍ମଋରୀଙ୍କୁ ଏହି ବର୍ଷ ଜେକେ ବ୍ୟବସାୟରେ ସମ୍ମାନିତ କରାଯାଇଛି । ଯେଉଁଥିରେ ଉତ୍ସବରେ ଉପସ୍ଥିତ ୨ ଜଣ ପୁରସ୍କାରପ୍ରାପ୍ତ ମଧ ସାମିଲ ଅଛନ୍ତି । ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ, ସେମାନଙ୍କ ପତି/ପତ୍ନୀଙ୍କ ସହିତ, ମୁଖ୍ୟ ଅତିଥିଙ୍କଠାରୁ ସ୍ମାରକୀ ଗ୍ରହଣ କରିବା ପାଇଁ ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା ।

# କୂଅରୁ ଷଣ୍ଢ ଉଦ୍ଧାର : ଅଗ୍ନିଶମ ବିଭାଗ ଓ ଗ୍ରୀନ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା

**ପାରାଦୀପ, ୧୭।୧୨ (ନି.ପ୍ର):** ପାରାଦୀପ ର ମୁଖ୍ୟ ବଡ଼ପଡ଼ିଆ । ବଜାର ଅଞ୍ଚଳରେ ଥିବା ମା ସନ୍ତୋଷୀ ଲସି ପାଖରେ ଥିବା ଏକ କୂଅ ଭିତରେ ମଙ୍ଗଳବାର ସନ୍ଧ୍ୟାରେ ଗୋଟିଏ ଷଣ୍ଢ ପଡିଯିବା ପରେ ଦୀର୍ଘ ଘଣ୍ଟା ପରେ ଉଦ୍ଧାର ହୋଇଛି । ଖବରରୁ ପ୍ରକାଶ ଯେ ପ୍ରତେକ ସଂକ୍ରାନ୍ତିରେ ବଡ଼ପଡ଼ିଆ । ମାର୍କେଟ ପରାମ୍ପରା ଅନୁଯାୟୀ ସମସ୍ତ ମାର୍କେଟ ବନ୍ଦ ରହିଥାଏ ଦୋକାନ ବଜାର ବନ୍ଦ ଯୋଗୁଁ ଯାତାୟାତ ନ ଥିବା କାରଣରୁ କେହି ଜାଣି ପାରିନଥିଲେ ଷଣ୍ଢ ଟି କୂଅ ଭିତରେ ପଡିଛି ବୋଲି ଷଣ୍ଢ ଟି ଚିତ୍କାର ଛାଡିବାରୁ କିଛି ବ୍ୟବସାୟୀ କୂଅ ପାଖକୁ ଯାଇ ଷଣ୍ଢ କୂଅ ଭିତରେ ପଡ଼ିଥିବା ଦେଖି କାଉନସିଲର ଙ୍କୁ ଖବର ଦେବା ପରେ କଥାଟା ବ୍ୟାପି ଯାଇଥିଲା । ଖବର ପାଇ ଓଡିଶା ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ ଏବଂ ସିଆଇଏସଏଫ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ କରି ସଫଳ ନ



ହେବାରୁ କଥାଟା ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ତଥା ସାମ୍ବାଦିକ ରାକେଶ କୁମାର ପଟ୍ଟନାୟକ (ରାକା) ଖବର ପାଇ ତୁରନ୍ତ ଉକ୍ତ ସ୍ଥାନ ପାଖରେ ପହଞ୍ଚି ସହଯୋଗ ର ହାତ ବଢ଼ାଇ ଜେ ସି ବି ଡାକି ଯୁଦ୍ଧ କାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଖବର ପାଇ ବଣିକ ସଂଘର ସାଧାରଣ ସମ୍ପାଦକ ଗୋଲେଖ ସାହୁ, ସଦସ୍ୟ ପ୍ରକାଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଯୋଗାଯୋଗ କରିଥିଲେ ଳ ଆଠ ରୁ ଦଶ ଫୁଟ ଗଭୀର କୂଅ ହେତୁ ଷଣ୍ଢଟି କୁ ଉଦ୍ଧାର କରିବାରେ କଷ୍ଟ ହେବାରୁ ମେସିନ ସାହାଯ୍ୟରେ କୂଅର ଉପର ଭାଗ ନନ୍ଦ କୁ ମେସିନ ଦ୍ୱାରା ଭଙ୍ଗାଯାଇ ଦୌଡ଼ି ସାହାଯ୍ୟରେ ଶେଷରେ ଷଣ୍ଢ କୁ ଉଦ୍ଧାର କରାଯାଇଥିଲା । ତେବେ ଏହି ମହତ କାର୍ଯ୍ୟରେ ସହଯୋଗ ପାଇଁ ସିଆଇଏସଏଫ ଅଗ୍ନିଶମ ଓ ଓଡ୍ରାଫ କର୍ମଋରୀଙ୍କ ସମେତ ସମାଜସେବୀ ରାକେଶ ପଟ୍ଟନାୟକ ଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି । ତେବେ ଦୁର୍ଘଟଣା ପ୍ରତିହତ ପାଇଁ ଏହି କୂଅକୁ ପୋତାଯାଇ ସେଠାରେ ଏକ ନଳକୂପ ଲଗାଯିବାକୁ ସାଧାରଣରେ ଦାବୀ ହେଉଛି ।

# ପୋଲିସ ବିଭାଗର ଅପରେସନ ଧରପଗଡ଼

**କଟକ, ୧୭।୧୨ (ନି.ପ୍ର):** ରାଜ୍ୟରେ ବେଆଇନ ବନ୍ଧୁକ ଚୋରା ଋଲାଣ, ମାରଣାସ୍ତ୍ର ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଲଗାତାର କଠୋର ପଦକ୍ଷେପ ଗ୍ରହଣ କରାଯାଉଛି । ଏହି କ୍ରମରେ ଏହା ଉପରେ ରୋକ ଲଗାଇବା ପାଇଁ ଗତ କିଛି ଦିନ ଧରି ଓଡ଼ିଶା ପୋଲିସ ତରଫରୁ ଅପରେସନ୍ ଧରପଗଡ ଅଭିଯାନ କରାଯାଇଥିଲା । ଏହି ଅଭିଯାନରେ ବହୁ ଜିଲ୍ଲା ପୋଲିସ ସାମିଲ ହୋଇ ବେଆଇନ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ କରିବାରେ ସକ୍ଷମ ହୋଇଛନ୍ତି । ଏହା ବ୍ୟତୀତ ନିଶାସକ୍ତ ଗାଡି ଋଳକଙ୍କ ବିରୋଧରେ ମଧ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇଥିଲା । ଏହି ଅଭିଯାନରେ ଅଦ୍ୟାବଧି ସାରା ରାଜ୍ୟରେ ଚୋରା ବନ୍ଧୁକ ଋଲାଣକାରୀଙ୍କ ବିରୋଧରେ ୨୭ ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୬ଟି ବନ୍ଧୁକ, ୭୧ ଗୁଳି, ୬୨ ମାରଣାସ୍ତ୍ର ଜବତ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ୨୭ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ସେହିପରି ନିଶାସକ୍ତ ଅବସ୍ଥାରେ ଗାଡି ଋଳନା କରିବା ଅଭିଯୋଗରେ ପୋଲିସ ୫୧୯ଟି ମାମଲା ରୁଜୁ କରିବା ସହ ୨୧୧ ଟି ଯାନ ଜବତ କରିଛି । ରାଜ୍ୟରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ବେଆଇନ ବନ୍ଧୁକ ଚୋରା ଋଲାଣ, ମାରଣାସ୍ତ୍ର ଓ ଅପରାଧିକ କାର୍ଯ୍ୟକଳାପ ରୋକିବା, ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପି ଅପରେସନ୍ ଧରପଗଡ ଅଭିଯାନରେ ସାମିଲ ହୋଇଥିଲେ ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ସଡକ ସୁରକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ

**ଧାମରା, ୧୭।୧୨ (ନି.ପ୍ର):** ଆଦାନୀ ଧାମରା ପୋର୍ଟର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ, ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସଡକ ସୁରକ୍ଷା ଜନିତ ଅଭ୍ୟାସଗୁଡ଼ିକୁ ବ୍ୟାପକ କରିବା ଏବଂ ଅଧିକ ଭିଡ଼ ଆଦି ଅଞ୍ଚଳରେ ଦୁର୍ଘଟଣାକୁ ହ୍ରାସ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ଅଧିନରେ ଆଦାନୀ ଫାଉଣ୍ଡେସନ ଟ୍ରାଫିକ ସିଗନାଲ ସ୍ଥାପନ, ଗତି ପ୍ରତିବନ୍ଧକ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ବଡ଼ ଧରଣର ସଚେତନତା କାର୍ଯ୍ୟକ୍ରମ ସମେତ ବହୁବିଧ ପଦକ୍ଷେପର ଯୋଜନା କରଯାଇଛି । ଏହି ପଦକ୍ଷେପ ଭଦ୍ରକ ଜିଲାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଏବଂ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ଟ୍ରକ ମାଲିକ ସଂଘ ଏବଂ ଡ୍ରାଇଭର ସଂଘ ସହିତ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟକାରୀ କରାଯାଉଛି । ଏହା ସାମୂହିକ ଦାୟିତ୍ୱ ଏବଂ ପ୍ରଭାବଶାଳୀ ପ୍ରଚାରକୁ ସୁନିଶ୍ଚିତ କରୁଛି ।




ପ୍ରଥମ ପର୍ଯ୍ୟାୟରେ, ବେତଡ଼ା ଗ୍ରାମ ଏବଂ ବାସୁଦେବପୁର ବଜାରରେ ୨ଟି ସଚେତନତାଭିତ୍ତିକ ପ୍ରଥପ୍ରାନ୍ତ ନାଟକ ଆୟୋଜିତ ହୋଇଯାଇଛି । ଏହି ପଥପ୍ରାନ୍ତ ନାଟକରେ ସ୍ଥାନୀୟ ବାସିନ୍ଦା, ଡ୍ରାଇଭର ସମୁଦାୟ, ପଥଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜନସାଧାରଣ ତଥା ପଥଚାରୀଙ୍କ ମଧ୍ୟରେ ଏକ ସକରାତ୍ମକ ପ୍ରତିକ୍ରିୟା ତଥା ପ୍ରଭାବ ପକାଇବାରେ ସଫଳ ହୋଇଥିବାରୁ ଏହିଭଳି ନାଟକ ଆସନ୍ତା ୫ ଦିନ ଧରି ଜିଲାର ବିଭିନ୍ନ ସଡ଼କ ବିଶେଷ କରି ଭାରିଯାନ ଚଳାଚଳ କରୁଥିବା ଧାମରା-ଜାମୁଝଡ଼ି ରାସ୍ତାରେ ଆୟୋଜନ କରାଯିବାର ଯୋଜନା ରହିଛି । ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ମାଧ୍ୟମରେ ଡ୍ରାଇଭର ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କୁ ସୁରକ୍ଷିତ ମୋଟର ଚାଳନା, ପଥଚାରୀଙ୍କ ସୁରକ୍ଷା ଭଳି ସଡ଼କ ସୁରକ୍ଷା ଜନିତ ନିୟମ ସମ୍ବନ୍ଧରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହିଭଳି କାର୍ଯ୍ୟକ୍ରମ ସାମୂହିକ କଲ୍ୟାଣ ଏବଂ ସଡ଼କ ସୁରକ୍ଷା ଦିଗରେ ଆଦାନୀ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ, ଯାହା ଏହି ଅଞ୍ଚଳରେ ସୁରକ୍ଷିତ ଗତିଶୀଳତା ଏବଂ ଦୁର୍ଘଟଣା ବିପଦ ହ୍ରାସ କରିବାରେ ସହାୟକ ହୋଇଥାଏ ।

# ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ



**ମୋରଡ଼ା, ୧୭/୧୨ (ନି.ପ୍ର)** ଶିତର ପ୍ରଭାବ ବଢ଼ି ବଢ଼ି ଋଲିଥିବା ବେଳେ, ଗରିବ ଅସହାୟ ଲୋକେ ଶୀତରେ ଥରୁଛନ୍ତି । କିଭଳି ଗରିବ ଅସହାୟ ଲୋକେ ଥଣ୍ଡାରୁ ରକ୍ଷା ପାଇବେ ତେଣୁ ବିଭିନ୍ନ ପଞ୍ଚାୟତ ବୁଲି ବୁଲି ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି ଓଡ଼ିଶା ସରକାରଙ୍କ ବିଧାୟକ ଓ ମନ୍ତ୍ରୀ । ଦେଇଦିନ ଧରି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଦେଉଳି, ଚୂହାଟ, ନୂଆଗାଁ, କାଣିମୋହୁଲି, କୋଷ୍ଠା, କୁଜିଡ଼ିହି, ପାକଟିଆ, ବଡ଼ଭାଲିଆ, ଧାତିକା, ଉଫାଲଗଡିଆ, ମହାବିଲା, ଫାନିଆ । ଆଦି ପଞ୍ଚାୟତରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କମଳ ବଣ୍ଟନ କରିଛନ୍ତି ।

# ବିଧାୟକଙ୍କ ବେତନ ବୃଦ୍ଧିକୁ ବିରୋଧ କରି ନବନିର୍ମାଣ କୃଷକ ସଂଘର ବନ୍ଦ ଡ଼ାକରା

**ଭୁବନେଶ୍ୱର, ୧୭।୧୨ (ନି.ପ୍ର):** ରାଜ୍ୟ ସଂଯୋଜକ ନବନିର୍ମାଣର କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଯୁବଛାତ୍ର ରାଜ୍ୟ ସଂଗଠନର ସଂଯୋଜକ ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଭୁବନେଶ୍ୱର ଲୋୟର ଭିକ୍ଷଭର ଦୃଶ୍ୟ ଦେଖିବାକୁ ମିଳିଥିଲା । ସେମାନଙ୍କ ନାରା ଥିଲା, ଗତ ଡିସେମ୍ବର ୯ ତାରିଖ ବିଧାନସଭାରେ ପାରିତ ହୋଇଥିବା ବିଲ୍ ଯାହା ବିଧାୟକଙ୍କ ମାସିକ ଦରମାକୁ ୧ ଲକ୍ଷ ୧୧ ହଜାରରୁ ୩ ଲକ୍ଷ ୪୫ ହଜାର ଟଙ୍କାରେ ପହଞ୍ଚାଇବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦରମାକୁ ୩ ଲକ୍ଷ ୭୪ ହଜାର ଟଙ୍କାରେ, ତତସହିତ ପୂର୍ବତନ ବିଧାୟକଙ୍କ ପେନସନକୁ ୩୦ ହଜାର ଟଙ୍କାରୁ ୮୦ ହଜାର ଟଙ୍କାରେ ପହଞ୍ଚାଇବ, ଏବଂ ଯାହାକି ଏମାନଙ୍କ ପାଇଁ ପିଛିଲା ୫ ଜୁନ ୨୦୨୪ରୁ ଲାଗୁ କରାଯିବ ଏବଂ ବର୍ଦ୍ଧିତ ସମସ୍ତ ଟଙ୍କା ସବେଠାରୁ ନେଇଯିବେ । ଯେଉଁଟାକି ତେଲିଆ । ମୁଣ୍ଡରେ ତେଲୟ ଆଜି ଏହାରି ବିରୋଧରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଭୁବନେଶ୍ୱର ଲୋୟର ପିଏମଜିରେ ଯୋଗଦେଇ ବିକ୍ଷୋଭ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେଇଛନ୍ତି । ଯେତେବେଳେ ଗତ ନିର୍ବାଚନରେ ୩,୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଇଁ ପ୍ରତିଶୃତି ଦେଇଥିବା ସରକାର ୬୦ ବର୍ଷରୁ ହଜାର ଟଙ୍କା ଦେଲେ । ନବନିର୍ମାଣ ଦୀର୍ଘ ୧୬ ବର୍ଷର କ୍ରମାଗତ ଆନ୍ଦୋଳନ କରି ଋଷୀ ସୁରକ୍ଷା ଭତ୍ତାକୁ ୨୦ ବର୍ଷରୁ ୫,୦୦୦ ଟଙ୍କା ଦେବା ପାଇଁ ଦାବୀ କରିଆସୁଥିବା ବେଳେ ସରକାର ଏବିଷୟରେ ଚିନ୍ତା କଲେନାହିଁ, ପ୍ରଶ୍ନ ମଧ୍ୟ ଉଠାଇଲେ ନାହିଁ । ସେତେବେଳେ ଜନ ପ୍ରତିନିଧି ବୋଲାଉଥିବା ସବୁ ଦଳର ବିଧାୟକ ମାନେ ନିଜ ହାତରେ ୩ ଗୁଣ ବେତନ ନେଇଯିବା କେବଳ ଅନୈତିକତାର ପରିଚୟ ଓ ହାସ୍ୟାସ୍ପଦ ନୁହେଁକି, ବରଂ ରାଷ୍ଟ୍ରଦ୍ରୋହି ଭଳି ବଡ଼ ଅପରାଧ ଭିତରେ ଗଣାଯିବା ଉଚିତ୍ । ଯେତେବେଳେ




ଓଡିଶାରେ ୫୦ ଲକ୍ଷ ଯୁବକ ବାହାରକୁ ଦାଦନ ଖଟିବାକୁ ଯାଇ ସୁରୁ, ବମ୍ବେ, ଦିଲ୍ଲୀ, ଅହମଦାବାଦ, କଲିକତା, ପୁନେ, ଚେନ୍ନାଇ ଓ ଚଣ୍ଡିଗଡ଼ରେ ଦାଦନ ଖଟିବା ପାଇଁ ବାହାରେ ମୁଣ୍ଡ ବିକୁଛନ୍ତି, ହାରାହାରି ୧୨ ଲକ୍ଷ ଶିକ୍ଷିତ ଯୁବକ (୨ ଲକ୍ଷ ବୈଷୟିକ ଶିକ୍ଷା ପ୍ରାପ୍ତ କରିବାଥିବା ଯୁବକ), ଋକିରି ନପାଇ ବାରଦୁଆର ସୁଣ୍ଡିପିଣ୍ଡା ହେଉଛନ୍ତି । ଯେତେବେଳେ ସାଧାରଣ ଋଷୀଟି ବାତ୍ୟା, ବର୍ଷା, ବନ୍ୟାରେ ଧାନ ଟିକେ କଳା ପଡିଗଲେ କ୍ୱିଣ୍ଟାଲ ପିଛା ୧୦ କେଜି କାଟି ଦିଆଯାଏ ଏବଂ ସେଥିପାଇଁ କୌଣସି କ୍ଷତିପୂରଣ ଦିଆଯାଏ ନାହିଁ । ସେତେବେଳେ ବିଧାୟକ ମାନେ ତାଙ୍କ ହାତରେ ୩ ଗୁଣ ଟଙ୍କା ନେଇଯିବା ରାଷ୍ଟ୍ରର ସମ୍ପତ୍ତିକୁ ଆଇନଗତ ଭାବେ ଆତ୍ମସାତ୍, ହତ୍ୟା କରିଦେବା ଭଳି କାର୍ଯ୍ୟଯ ଥରେ ମଧୁବାବୁ ଓଡିଶା ବିହାର ବିଧାନ ପରିଷଦର ସଦସ୍ୟ ଥିବାବେଳେ ସେ ଦରମା ନେଇ ଲୋକ ପ୍ରତିନିଧି ହେବାର ବ୍ୟବସ୍ଥାକୁ ଖଣ୍ଡନ କରିଥିଲେ । ଆଜି ଯେତେବେଳେ ପୂରା ଦେଶ ଉପରେ ୧୮୧ ଲକ୍ଷ କୋଟି ଏବଂ ଓଡିଶା ଉପରେ ୧ଲକ୍ଷ ୨୬ ହଜାର ୭୯୯ କୋଟି ଋଣ, ଯେତେବେଳେ ମା' ଗର୍ଭରୁ ଜନ୍ମ ହେଉଥିବା ନବଜାତ ଶିଶୁ ପ୍ରତି ମୁଣ୍ଡ ପିଛା ୨୬,୯୭୮ ଟଙ୍କା ଋଣ ଥିବା ବେଳେ ଲୋକପ୍ରତିନିଧି ମାନେ ଦିନକୁ ୧୧,୫୦୦ ଟଙ୍କା ନେଇଯିବା ଆଇନଗତ ଭାବେ ରାଷ୍ଟ୍ରଦ୍ରୋହ ଅନ୍ତର୍ଭୁକ୍ତ ହେବନାହିଁକି ? ଯେତେବେଳେ ଓଡିଶାରେ ଆଜିମଧ୍ୟ ଜଣେ ସାଧାରଣ ମଣିଷ ଦିନକୁ ୫୦୦/୬୦୦ ଟଙ୍କା ରୋଜଗାର କରୁଥିବା ବେଳେ ଜନପ୍ରତିନିଧି ଜଣଙ୍କ ରାଜ୍ୟ ତହବିଲରୁ ଦିନକୁ ୧୧,୫୦୦ ଟଙ୍କା ନେଇଯିବା ଆଇନଗତ ଭାବରେ ଦେଶ ଦ୍ରୋହୀର ତାଲିକାର ଅନ୍ତର୍ଭୁକ୍ତ ନୁହେଁକି ? ଏଭଳି ପରିସ୍ଥିତିରେ ଜନପ୍ରତିନିଧି ମାନେ ଏହି ବିଲକୁ ସମର୍ଥନ କରି ବିବୃତି ଦେବା ଯାହା କୁରୁସଭାରେ ଦ୍ରୌପଦୀର ବସ୍ତ୍ର ହରଣ ସମୟରେ ଦୁର୍ଯ୍ୟୋଧନର କୁତର୍କ ସହିତ ସମାନ ବୋଲି ଅନୁଭବ ହେଉଛି । ଯେଉଁ ରାଜ୍ୟରେ ବୁଢାବୁଢ଼ିମାନେ ଦିନକୁ ୩୩ ଟଙ୍କା ପାଉଛନ୍ତି । ସେଥିରେ ବୟସର ସିମାନେଇ ପାତର ଅନ୍ତର କରାଯାଉଛି, ଭିକାରିକୁ ଦାନ ଦେବାଭଳି ଦେଉଛନ୍ତି । ଋଷୀଟି ସୁରକ୍ଷା ଭତ୍ତା ନପାଇ ଶସ୍ୟହାନୀ ହେଲେ ଆତ୍ମହତ୍ୟା ରାସ୍ତା ବାଛି ନେଉଛି, ଅନେକ କଳାକାର ଦୌଡି ଦୌଡି ହତାଶ ହୋଇ ଭୋକ ବିକଳରେ ଦେହତ୍ୟାଗ କରିବା ନଜିର ରହିଛି । ଏହି ଭଳି ଅନେକ ପରିସ୍ଥିତି ରାଜ୍ୟରେ ଦେଖିବାକୁ ମିଳିଥିବା ବେଳେ, ସରକାରର କିଭଳି ବିଧାନସଭାର ପ୍ରତେକଟି ନେତାମାନଙ୍କ ଦରମା ଓ ଭତ୍ତା ବିଲକୁ ବଢାଇବାରେ ଆଗ୍ରହି ହୋଇ ପାରିଲେ । ଯେଉଁଟାକି ଜନସାଧାରଣଙ୍କୁ ଶକ୍ତ ଧକ୍କା ଲାଗିଛି । ସେହି ପରିପ୍ରେକ୍ଷୀରେ, ଓଡିଶା ବିଧାନସଭାରେ ବିଧାୟକଙ୍କ ଦରମା ୩ ଗୁଣ ବେତନକୁ ନେଇ ରାଜ ରାସ୍ତାକୁ ଓହ୍ଲାଇଛନ୍ତି ।

# ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଇଁ ଆଧାତ୍ମିକ ଆଲୋଚନା

**କେନ୍ଦ୍ରାପଡ଼ା, ୧୭।୧୨ (ନି.ପ୍ର):** ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟ ପରିସରରେ 'ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା' ପାଇଁ ଏକ ଆଧାତ୍ମିକ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ



ପ୍ରଫେସର ଅଭିଜିତ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଶୃଙ୍ଖଳା,ମାନବ ଜୀବନର ସାର୍ଥକତା ପାଇଁ ପ୍ରାର୍ଥନାର ଆବଶ୍ୟକତା ସମ୍ପର୍କରେ ଅମୃତବାଣୀ ପ୍ରଦାନ କରିଥିଲେ । ବିଶ୍ୱର ମଙ୍ଗଳ ପାଇଁ ଜାନୁଆରୀ ପହିଲାକୁ 'ବିଶ୍ୱ ପ୍ରାର୍ଥନା ଦିବସ' ରୂପେ ପାଳନ କରିବାକୁ ନିବେଦନ କରିଥିଲେ ଶ୍ରୀମା । ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଗୁରୁତ୍ୱ ଦେବା ନିମନ୍ତେ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଇଂ ଶତ୍ରୁଘ୍ନ ଦାସ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅନୁପ କୁମାର ସେନାପତି, ସମାଜସେବୀ ବିନୟ କୁମାର ବୋଷ, ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସାଧୁମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଇଂରାଜୀ ବିଭାଗ ଅଧ୍ୟାପିକା ଏମ. ବିନୟା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କ୍ରୀଡାଶିକ୍ଷକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

